ଧରିତ୍ରୀ
DHARITRI

August 18-24, 2019 ₹2/-

# ଛୁଟିଦିନ




## ଇଂଲିଶ ନାଁ ଓଡ଼ିଆ ଗାଁ

୩ ପ୍ରଚ୍ଛଦ ପ୍ରସଙ୍ଗ

ଓଡ଼ିଶାରେ ଯେତେ ଗାଁ ସେତେ ନାଁ । ତେବେ ପ୍ରତ୍ୟେକ ଗାଁର ନାଁ ପଛରେ ରହିଛି କିଛି କଥା କିଛି କାହାଣୀ । ସେମିତି କିଛି ଗାଁ ଓ ଗଳି ରହିଛି ଯାହାର ନାଁ ଇଂଲିଶରେ । କ'ଣ ସେହି ନାଁ ଆଉ କ'ଣ ରହିଛି ତା' ପଛର କାହାଣୀ...



ହଂସୁଳି ଫ୍ୟାଶନ ୪

୮/୯ ସିନେମା



# ସ୍ୱପ୍ନରେ ନିଆଁ ବା ପାଣି ଦେଖିଲେ



ନିଦରେ ସ୍ୱପ୍ନ ଦେଖିବା ଏକ ସାଧାରଣ ଘଟଣା ହେଲେ ମଧ୍ୟ ଏହାର ସମ୍ବନ୍ଧ ଆମ ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତ ସହିତ ରହିଥାଏ। ତେବେ ସ୍ୱପ୍ନରେ ଯଦି ନିଆଁ କିମ୍ବା ପାଣି ଦେଖନ୍ତି ଏହାର କ'ଣ ସଙ୍କେତ ରହିଥାଏ ସେ ସମ୍ପର୍କରେ ଜାଣନ୍ତୁ।

* ଯଦି ସ୍ୱପ୍ନରେ କୌଣସି ସ୍ଥାନରେ ନିଆଁ ଲାଗିଥିବାର ଦେଖନ୍ତି ତେବେ ଏହା ଏହି ସଙ୍କେତ ଦିଏ କି ଆପଣ ଖୁବ୍‌ଶୀଘ୍ର ମାନସିକ ବିଶାଦରୁ ମୁକ୍ତି ପାଇବା ସହ ଭବିଷ୍ୟତରେ ବିଦେଶ ଯାତ୍ରା କରିପାରନ୍ତି।

* ସ୍ୱପ୍ନରେ ଯଦି ନିଜ ଘର ନିଆଁରେ ଜଳୁଥିବାର ଦେଖନ୍ତି ତେବେ ଆପଣଙ୍କ ଘରେ ଖୁବ୍‌ଶୀଘ୍ର ସନ୍ତାନ ସୁଖ ପ୍ରାପ୍ତି ହେବାର ସୂଚନା ଦେଇଥାଏ। ଆଉ ଆପଣ ଯଦି ଅବିବାହିତ ଖୁବ୍‌ଶୀଘ୍ର ଆପଣ ନିଜ ମନପସନ୍ଦର ଜୀବନ ସାଥୀ ପାଇବାର ସଙ୍କେତ ମଧ୍ୟ ଦେଇଥାଏ।

* ସ୍ୱପ୍ନରେ ନଦୀ ଦେଖିବା ଖୁବ୍ ଶୁଭ ବୋଲି କୁହାଯାଇଥାଏ। ଏହା ଆପଣଙ୍କ ସ୍ୱପ୍ନକୁ ଖୁବ୍‌ଶୀଘ୍ର ପୂରା ହେବାର ସଙ୍କେତ ଦେଇଥାଏ।

* କିନ୍ତୁ ସ୍ୱପ୍ନରେ ବନ୍ୟା ଦେଖିବା ଆଗାମୀ କୌଣସି ଅଘଟଣର ସୂଚନା ଦେଇଥାଏ ବୋଲି କୁହାଯାଏ।

* ସ୍ୱପ୍ନରେ ବର୍ଷା ଦେଖିବା ଅର୍ଥ ଆଗାମୀ ଦିନରେ ଆପଣଙ୍କ ଜୀବନରେ ଖୁସି ଆସିବାର ସଙ୍କେତ ଦେଇଥାଏ।

* ସ୍ୱପ୍ନରେ ସମୁଦ୍ର ଦେଖିବା ଅର୍ଥ ଆପଣଙ୍କ ଦ୍ୱାରା ହୋଇଥିବା କୌଣସି ଭୁଲ୍‌ର ସୁଧାର କରିବାର ଆବଶ୍ୟକ।

* ସ୍ୱପ୍ନରେ ନିର୍ମଳ ପାଣି ଦେଖିବା ଅର୍ଥ ଆପଣଙ୍କ ଦ୍ୱାରା କରାଯାଇଥିବା ସମସ୍ତ ପରିଶ୍ରମ ସଫଳ ହେବାକୁ ଯାଉଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୧୮-୨୪

**ମେଷ**
ପ୍ରିୟଜନଙ୍କ ସାନ୍ନିଧ୍ୟ, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ଗୁରୁଜନଙ୍କ ସାନ୍ତ୍ୱନା ବାଣୀ, ସହକର୍ମୀଙ୍କ ସହଯୋଗ, ନିର୍ମାଣରେ ପୂର୍ଣ୍ଣତା, ବାଣିଜ୍ୟରେ ପ୍ରତିବନ୍ଧକ, ରାଜନୀତିରେ ଦ୍ୱନ୍ଦ୍ୱ, ପ୍ରଶାସନିକ ସ୍ଥିରତା, ଜମିଜମା କ୍ରୟବିକ୍ରୟ ଓ ଅଭିଳାଷ ପୂରଣ।

**ବୃଷ**
ପରିସ୍ଥିତିରେ ଉନ୍ନତି, ଲକ୍ଷ୍ୟପ୍ରାପ୍ତିରେ ପ୍ରତିବନ୍ଧକ, ନୂତନ ଗୃହ ଲାଭ, ବ୍ୟବସାୟିକ ଉତ୍କର୍ଷ, ସରକାରୀ ସହାୟତା, ପିଲାମାନଙ୍କ ଉନ୍ନତି, ବିବାଦରେ ବିଜୟ, ନୂତନ ସ୍ଥାନ ପରିଭ୍ରମଣ ଓ ଯାନ୍ତ୍ରିକ ଶିଳ୍ପରେ ଉନ୍ନତି।

**ମିଥୁନ**
କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଚାପ, ପ୍ରତିକୂଳ ପରିସ୍ଥିତି। ଅସଫଳତାରୁ ମନସ୍ତାପ, ସଭାସମିତିରୁ ସମ୍ମାନ, ଅଭାବବୋଧ, ସାହିତ୍ୟ କୃତିରୁ ପ୍ରଶଂସା, ସମ୍ପର୍କ ବିଗିଡ଼ିବ, ପରୋକ୍ଷ ଶତ୍ରୁତା ଏବଂ ନିନ୍ଦା ଅପବାଦ।

**କର୍କଟ**
ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ସମସ୍ୟା ସମାଧାନ, ସହକର୍ମୀଙ୍କ କ୍ରୋଧ, ଅର୍ଥନୈତିକ ଅଭିବୃଦ୍ଧି, ନୂତନ ମିତ୍ରତା, ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତତା, କଳା ସଙ୍ଗୀତରୁ ସୁନାମ, ପ୍ରତିବନ୍ଧକ ଦୂର ହେବ, ବନ୍ଧୁ ମିଳନରୁ ଆନନ୍ଦ ଓ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ।

**ସିଂହ**
ନିର୍ଣ୍ଣାୟକ ସିଦ୍ଧାନ୍ତ, ସ୍ୱାସ୍ଥ୍ୟଗତ ସମସ୍ୟା, ଭୁଲ୍ ବୁଝାମଣା। ନୂତନ ଆଲୋଚନାରେ ଅଗ୍ରଗତି, ସମସ୍ୟା ସମାଧାନ। ମକଦ୍ଦମାରେ ଫଇସଲା, ଗୃହ ନିର୍ମାଣ, ଯାନ୍ତ୍ରିକ ଜିନିଷ କ୍ରୟ ଏବଂ ପାରିବାରିକ ଶୃଙ୍ଖଳା।

**କନ୍ୟା**
ବିଳମ୍ବିତ କାର୍ଯ୍ୟ, ଧାରକରଜ କରିବେ, ଭ୍ରାତୃ ବିବାଦ, ଯାତ୍ରା ସ୍ଥଗିତ, ଶାରୀରିକ ଅସୁସ୍ଥତା, ନିର୍ଭରଶୀଳ ହେବେ, ଚଳଚ୍ଚିତ୍ରରୁ ସମ୍ମାନ, ମନୋରଞ୍ଜନର ମଉକା ଏବଂ ଆର୍ଥିକ ଅବନତି।

**ତୁଳା**
ସୁସ୍ଥ ମାନସିକତା, ସ୍ଥିତିରେ ପରିବର୍ତ୍ତନ, ସେବା ମନୋବୃତ୍ତି, ଆଇନ ସହାୟତା, ଜମିଜମା ରେଜିଷ୍ଟ୍ରେଶନ, ସଭାସମିତିକୁ ଆହ୍ୱାନ, ସହକର୍ମୀଙ୍କ ଈର୍ଷା, ପଡ଼ୋଶୀଙ୍କ ଅସହଯୋଗ, ଆତ୍ମୀୟଙ୍କ ଆଶ୍ୱାସନା, ନୂତନ ଚାକିରି ଅଫର।

**ବିଛା**
ଆର୍ଥିକ ଦୁରାବସ୍ଥା, ମାନସିକ ଅବସାଦ, ପାରିବାରିକ ଅଶାନ୍ତି, ମିଥ୍ୟା ଅଭିଯୋଗ, ଶେୟାର ବଜାରରେ ଉନ୍ନତି, ରୋକ୍‌ଠୋକ କଥାରୁ କଳହ, ପ୍ରତିଶୋଧ ମନୋବୃତ୍ତି ଏବଂ ରହସ୍ୟଜନକ କର୍ମରେ ଅନୁପ୍ରବେଶ।

**ଧନୁ**
ଶୃଙ୍ଖଳିତ ଜୀବନଚର୍ଯ୍ୟା, ବୁଝାମଣାରେ ଅଗ୍ରଗତି, ଚେଷ୍ଟାରେ ସଫଳତା, ସୁସମ୍ପର୍କ ବ୍ୟାହତ, କ୍ରୀଡ଼ା ଚଳଚ୍ଚିତ୍ରରୁ ସମ୍ମାନ, ଗବେଷଣାରେ ବିଫଳତା, ଭୁଲ୍ ବୁଝାମଣାରୁ ଅଶାନ୍ତି, ଦେହପୀଡ଼ାରୁ କଷ୍ଟ ଓ ଦୁଃଖଦ ଯନ୍ତ୍ରଣା।

**ମକର**
ବିବାଦୀୟ ପରିସ୍ଥିତି, ସମ୍ପର୍କରେ ଉନ୍ନତି, ଆରୋଗ୍ୟଲାଭ, ଦୁଃଖଦ ଅନୁଭୂତି। ବୈରାଗ୍ୟଭାବ ସୃଷ୍ଟି, ବ୍ୟବସାୟରେ ବ୍ୟସ୍ତତା, ଧାର୍ମିକ କାର୍ଯ୍ୟରେ ଯୋଗଦାନ, କର୍ମକ୍ଷେତ୍ରରେ ଯଶ ପ୍ରତିଷ୍ଠା ଏବଂ ପଦୋନ୍ନତି।

**କୁମ୍ଭ**
ନୂତନ ପ୍ରକଳ୍ପ ଆରମ୍ଭ, ପାରିବାରିକ ଅସହଯୋଗ, ପ୍ରତିବନ୍ଧକରୁ କାର୍ଯ୍ୟହାନି, ସମସ୍ୟା ବୃଦ୍ଧିରୁ ଦୁଶ୍ଚିନ୍ତା, ଫ୍ଲାଟିଙ୍ଗ୍ ବ୍ୟବସାୟରେ ଉନ୍ନତି, ସୀମା ବିବାଦର ସମାଧାନ, କଲ୍ୟାଣମୂଳକ କାମ ଏବଂ ଯାନବାହନରେ ତ୍ରୁଟି ବିଚ୍ୟୁତି।

**ମୀନ**
ଯାତ୍ରାରେ ଅନୁକୂଳତା, ପ୍ରେସ୍ ପବ୍ଲିକେଶନରେ ସମସ୍ୟା, ପାରିବାରିକ ସମସ୍ୟା, ଋଣ ପରିଶୋଧ, ଆତ୍ମସମ୍ମାନ ବୃଦ୍ଧି, ଶତ୍ରୁତାର ଅବସାନ, ମିଥ୍ୟା ଅପବାଦ, ଭୁଲ୍ ବୁଝାମଣା ଓ ସହଯୋଗ ମନୋବୃତ୍ତି।

# ଭାମ୍ପାୟର୍ସ କାଫେ

ଖାଦ୍ୟ ସହ ଯଦି ଆଡ୍‌ଭେଞ୍ଚରର ମଜା ନେବାକୁ ଚାହାନ୍ତି ତେବେ ଏହି ସ୍ଥାନ ଆପଣଙ୍କ ପାଇଁ ନିହାତି ଭାବେ ଏକ ଉପଯୁକ୍ତ ସ୍ଥାନ, ଯାହାର ନାଁ ହେଉଛି 'ଭାମ୍ପାୟର୍ସ କାଫେ'। ଟୋକିଓର ଗିଞ୍ଜାଠାରେ ଥିବା ଏହି ଭାମ୍ପାୟର ଥିମ୍ କାଫେ ଅନେକ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। କଳା ଏବଂ ନାଲି ରଙ୍ଗର ଇଣ୍ଟେରିୟର ସାଙ୍ଗକୁ କାର୍ଯ୍ୟରତ ୱେଟରମାନଙ୍କ ଡ୍ରାକୁଲା ବେଶପୋଷାକ ଏକ ଭୟାତୁର ପରିବେଶ ସୃଷ୍ଟି କରିଥାଏ । ଏଠାରେ ପରଷାଯାଉଥିବା ଖାଦ୍ୟର ନାଆ ଏବଂ ସାଜସଜ୍ଜା ଶୈଳୀ ମଧ୍ୟ ଏହି ଥିମ୍ ଉପରେ ଆଧାରିତ। ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ରକ୍ତ ଭଳି ଦେଖାଯାଉଥିବା ନାଲି ରଙ୍ଗର ପାନୀୟକୁ ୱେଲକମ୍ ଡ୍ରିଙ୍କ୍ ଭାବେ ପରଷା ଯାଇଥାଏ। ସେହିଭଳି ଅନ୍ୟାନ୍ୟ ଖାଦ୍ୟ ପଦାର୍ଥକୁ ମଣିଷ ଖପୁରି ଭଳି ପାତ୍ର



ତଥା ରକ୍ତ ଭିଜା ଭଳି ପ୍ରତୀୟମାନ ହେଉଥିବା ପ୍ଲେଟ୍, ଗ୍ଲାସ୍ ଆଦିରେ ପରଷା ଯାଇଥାଏ। କମ୍ ଆଲୋକଯୁକ୍ତ ଏହି ଭୟାତୁର ସ୍ଥାନରେ ରାତ୍ରୀ ଭୋଜନର ମଜା ନେବା ଲାଗି ପ୍ରତ୍ୟେକ ଦିନ ଏଠାରେ ପର୍ଯ୍ୟଟକଙ୍କ ଭିଡ ଜମେ।

# ପାଠକୀୟ

❖ ପ୍ରତ୍ୟେକଙ୍କ ଜୀବନରେ କେହି ନା କେହି ବନ୍ଧୁ ରହିଥାନ୍ତି। ହେଲେ କିଛି ଭାଗ୍ୟବାନ ଲୋକଙ୍କ ଭାଗ୍ୟରେ ଏମିତି ବନ୍ଧୁ ଆସିଥାନ୍ତି, ଯେଉଁମାନେ ବିପଦରେ ପଡିଥିବା ବନ୍ଧୁ ପାଇଁ ଯେ କୌଣସି ପରିସ୍ଥିତିକୁ ସାମ୍ନା କରିବାକୁ ସଦା ତତ୍ପର ଥାନ୍ତି। ସେମିତି କେତେଜଣ ସାହାଯ୍ୟକାରୀ ବନ୍ଧୁଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଖୁବ୍ ଉଚ୍ଚକୋଟୀର ହୋଇଥିଲା। 'ରାଶି ଅନୁଯାୟୀ ପେଟ୍' ପାଠଟିରୁ ଅନେକ ଶିକ୍ଷଣୀୟ କଥା ଶିଖିବାକୁ ମିଳିଲା।

*–ତପସ୍ୱିନୀ ଦାଶ, ଟଙ୍କପାଣି ରୋଡ୍, ଭୁବନେଶ୍ୱର*

❖ ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ବନ୍ଧୁ'ରୁ କେତେଜଣ ନିଃସ୍ୱାର୍ଥପର ବନ୍ଧୁଙ୍କ ସାହାଯ୍ୟ କରିବାବେଳର କାହାଣୀ ପଢି ବେଶ୍ ଖୁସି ଲାଗିଲା। 'ବନ୍ଧୁ ପାଇଁ ଉପହାର' ପାଠରୁ ବି ଅନେକ ଉପାଦେୟ କଥା ଜାଣିହେଲା। ସେହିପରି 'ରେନ୍‌ବୋ ଭିଲେଜ୍' ବି ଥିଲା ଏକ ନିଆରା ବିଷୟ। ସୃଜନ ପୃଷ୍ଠାରେ ସ୍ଥାନିତ 'ଲୁଚକାଳି ଖେଳ' ଗପଟି ମଧ୍ୟ ଖୁବ୍ ରୋମାଣ୍ଟିକ୍ ଥିଲା।

*–ସୁନୈନା ମିଶ୍ର, ସାତଶଙ୍ଖ, ପୁରୀ*

❖ ସିନେମା ସମ୍ପର୍କିତ ଖବର ପଢିବାକୁ ମୋତେ ଭାରି ଭଲ ଲାଗେ। ଏଥର ସିନେମା ପୃଷ୍ଠାରେ ସ୍ଥାନିତ 'ପ୍ରେମରେ ପଡିଛନ୍ତି ତମନ୍ନା', 'ସାରା ଯାହା ଚାହୁଁଥିଲେ', 'ଅନୁତାପ କରୁଛନ୍ତି ଜାହ୍ନବୀ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। ଅନ୍ୟପକ୍ଷେ ଲେଖିକା ତଥା ପ୍ରାଧ୍ୟାପିକା ମିନତି ମିଶ୍ରଙ୍କ ରୋଜଗାର ସମ୍ପର୍କିତ ଲେଖା ଖୁବ୍ ପ୍ରେରଣାଦାୟୀ ଲାଗୁଥିଲା।

*–ସୁକାନ୍ତ ବେହେରା, ସୋରଣ, ଖୋର୍ଦ୍ଧା*

❖ 'ଦାମୀ ବ୍ୟାଗ୍' ପାଠଟିରେ ସ୍ଥାନ ପାଇଥିବା ଖୁବ୍ ସୁନ୍ଦର ସୁନ୍ଦର ତଥା ଦାମୀ ବ୍ୟାଗ୍ ଗୁଡ଼ିକୁ ଦେଖି ଖୁସି ଲାଗିଲା। ମଡେଲ୍ ମିରର୍‌ରେ ସୋନାଲି–ଅଞ୍ଜଲିଙ୍କ ଯୋଡି ଫଟୋ ବି ବେଶ୍ ସୁନ୍ଦର ହୋଇଥିଲା। ସେହିପରି ସହର ପାଠରୁ କୈମୁର୍ ବନ୍ୟପ୍ରାଣୀ ଅଭୟାରଣ୍ୟ ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା।

*–ରାକେଶ ଶତପଥୀ, ବାରିପଦା*

❖ ବିବିଧା ପୃଷ୍ଠାରେ ସ୍ଥାନିତ 'ସାରା ଜୀବନ ଏକାଠି ରହିବା ସଂକଳ୍ପରେ ୭ ବାନ୍ଧବୀ' ପାଠଟି ସତରେ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ଯାତ୍ରା ପୃଷ୍ଠାରୁ 'ଶିଶିର ମହାନ୍ତି'ଙ୍କ ନିର୍ଦ୍ଦେଶନା କ୍ୟାରିୟର୍ ସମ୍ପର୍କରେ ଜାଣିବାକୁ ମିଳିଲା। ଅନ୍ୟପକ୍ଷେ ଡାଏନୋସର୍ କହିବ 'ହ୍ୟାଲୋ' ପାଠଟି ଏକ ଆଶ୍ଚର୍ଯ୍ୟକର ବିଷୟ ଥିଲା। ସେହିପରି 'କାଠଗଣ୍ଡିର ଜୀବଜନ୍ତୁ', '୭.୫ ଲକ୍ଷ ଟଙ୍କାର ଅଙ୍ଗୁରପେଣ୍ଡା', 'ପିଆନୋ ହାଉସ୍' ଆଦି ପାଠଗୁଡ଼ିକ ବି ବେଶ୍ ମଜାଳିଆ ଥିଲା।

*–ସୁନୀଲ ମହାରଣା, ପାରିକୁଦ, ପୁରୀ*

## ବିଶେଷ ଚିଠି



ଛୁଟିଦିନ ଥିଲେ ହାତେ ମୋର
ସବୁ ଟେନ୍‌ସନ୍ ହୁଏ ଦୂର।
ଆସେ ସିଏ ପ୍ରତି ରବିବାର
କରେ ସେ ସଭିଙ୍କୁ ଆପଣାର।
ସୃଜନ, ବ୍ୟାକ୍‌ପେଜ୍, ସାଥୀ ପୃଷ୍ଠା ସହ
ବ୍ୟକ୍ତିତ୍ୱ, ସିନେମା, ପ୍ରଚ୍ଛଦ ପ୍ରସଙ୍ଗ
ସବୁ ପୃଷ୍ଠାରେ ଭରି ରହିଛି ଖୁସି ଅପାର।

*–ବିନୋଦ ବିହାରୀ ବେହେରା, ନୂଆସାହି, ନୂଆବଜାର, କଟକ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com






# ଇଂଲିଶ ନାଁ ଓଡ଼ିଆ ଗାଁ

**ଓଡ଼ିଶାରେ ଯେତେ ଗାଁ ସେତେ ନାଁ । ତେବେ ପ୍ରତ୍ୟେକ ଗାଁର ନାଁ ପଛରେ ରହିଛି କିଛି କଥା କିଛି କାହାଣୀ । ସେମିତି କିଛି ଗାଁ ଓ ଗଳି ରହିଛି ଯାହାର ନାଁ ଇଂଲିଶରେ । କ'ଣ ସେହି ନାଁ ଆଉ କ'ଣ ରହିଛି ତା' ପଛର କାହାଣୀ...**

ଗ୍ରାମ୍ୟ ସଂସ୍କୃତିକୁ ନେଇ ସମୃଦ୍ଧ ଓଡ଼ିଶାର ସଂସ୍କୃତି । ଆଉ ପ୍ରତ୍ୟେକ ଗାଁର ପରମ୍ପରା ଓ ସଂସ୍କୃତିରେ ରହିଛି ସ୍ୱତନ୍ତ୍ରତା। ତେବେ ସବୁଠୁ ଆଶ୍ଚର୍ଯ୍ୟ କରେ ଗାଁର ନାମକରଣ। କାରଣ ପ୍ରତ୍ୟେକ ଗାଁର ନାଁ ପଛରେ ରହିଛି କିଛି କଥା ଓ କାହାଣୀ। ସେ କାହାଣୀ ପଛରେ କେବେ ମନ୍ଦିର କି ଗ୍ରାମଦେବତୀ ଥାଆନ୍ତି ତ କେବେ କୌଣସି ବ୍ୟକ୍ତି ବିଶେଷଙ୍କ ନାଁ ବା କିଛି ଘଟଣା ବା ଦୁର୍ଘଟଣାର ସ୍ମୃତି । ସେମିତି କିଛି ଗାଁ ଓ ଗଳି ଅଛି ଯାହାର ନାଁ ରହିଛି ଇଂଲିଶରେ । ଏଠାକାର ପରିବେଶ, ଚାଲିଚଳନ, ସଂସ୍କୃତି ସବୁ କିଛି ଓଡ଼ିଆ କିନ୍ତୁ କେବଳ ନାଁ ହିଁ ଇଂଲିଶ । ତେବେ କ'ଣ ରହିଛି ଏହା ପଛର କାହାଣୀ...

**ସ୍କଟଲାଣ୍ଡପୁର:** କଳାହୀରାର ସହର ତାଳଚେରଠାରୁ ମାତ୍ର ୫କିମି ଦୂରରେ ସ୍କଟ୍‌ଲାଣ୍ଡପୁର ଗାଁ । ଅନୁଗୋଳ ଜିଲା ତାଳଚେର ବ୍ଲକ ଧର୍ମପୁର ପଞ୍ଚାୟତ ଅନ୍ତର୍ଗତ ବଣ ପାହାଡ଼ ଘେରା ପରିବେଶ ମଧ୍ୟରେ ରହିଛି ଏହି ଗାଁ । ଏହା ମଧ୍ୟରେ ରହିଛି ୨୬ ହେକ୍ଟର ପରିମିତ ଜମିରେ ତାଳଚେର ରାଜାଙ୍କ ରାଜପ୍ରାସାଦ । ଏହି ଗାଁରେ ପାଖାପାଖି ୧୦୦ ପରିବାର ବସବାସ କରୁଥିବା ବେଳେ ଲୋକସଂଖ୍ୟା ୫ଶହରୁ ଅଧିକ ହେବ । ସମସ୍ତେ ଚାଷୀ, ଦିନମଜୁରିଆ । ଅଧିକାଂଶ ପରିବାର ହରିଜନ ସଂପ୍ରଦାୟର । ଏବେ ଗ୍ରାମକୁ ପକ୍କାରାସ୍ତା ନିର୍ମାଣ କରାଯାଇଛି । ପ୍ରାଥମିକ ସ୍କୁଲ ଏବଂ ଏକ ଅଙ୍ଗନୱାଡି କେନ୍ଦ୍ର ମଧ ରହିଛି । ଗ୍ରାମର ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଏକ ପାନୀୟଜଳ ପ୍ରକଳ୍ପ ମଧ୍ୟ ନିର୍ମାଣ କରାଯାଇଛି । ଦେଖିବାକୁ ଗଲେ ଆଗ ଅପେକ୍ଷା ଏବେ ଗ୍ରାମର ଛବି ବଦଳି ଯାଇଛି ।

**ନାଁ ପଛର କାହାଣୀ:** ତାଳଚେର ମହାରାଜ କିଶୋର ଚନ୍ଦ୍ର ଦେବହରିଚନ୍ଦନ ବୀରବୀରଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ । ହୃଦୟଚନ୍ଦ୍ର ଦେବ, ପ୍ରମୋଦଚନ୍ଦ୍ର ଦେବ ଓ ଝିଅ ସୁଚାରୁ ମାଳୀ ଦେବୀ । ହୃଦୟଚନ୍ଦ୍ର ରାଜବାଟୀରେ ରହିଲେ ଏବଂ ପ୍ରମୋଦ ଚନ୍ଦ୍ର ଦେବଙ୍କ ନିମନ୍ତେ ସହରଠାରୁ କିଛି ଦୂରରେ ଏକ ପ୍ରମୋଦ ପ୍ରାସାଦ ନିର୍ମାଣ କରାଯାଇଥିଲା । କିନ୍ତୁ ଏହି ପ୍ରାସଦ ତାଙ୍କୁ ଭଲ ଲାଗି ନ ଥିଲା । ଦିନେ ହେଲେ ସେ ସେଠାରେ ରହି ନ ଥିଲେ । ଏହାକୁ ଷ୍ଟେଟ ଗେଷ୍ଟହାଉସ କରି ଦିଆଯାଇଥିଲା । ସ୍କଟ୍‌ଲାଣ୍ଡପୁର ଅଞ୍ଚଳରେ ୧୦ଏକର ଜମି ଉପରେ ରାଜା ଏକ ନୂତନ ଉଆସ ନିର୍ମାଣ କଲେ, ଯେଉଁଠାରେ ଏବେ ରାଜାଙ୍କର ପରବର୍ତ୍ତୀ ବଂଶଧର ରହୁଛନ୍ତି । ୧୯୩୦ରେ ବଣପାହାଡ ଘେରା ପରିବେଶ ମଧ୍ୟରେ ଯେତେବେଳେ ଏହି ପ୍ରାସାଦ ନିର୍ମାଣ ହେଲା ସେତେବେଳେ ଏହି ଗେଷ୍ଟହାଉସକୁ ବିଭିନ୍ନ ରାଜନେତାମାନେ ଆସି ରହୁଥିଲେ । ସେମାନେ ଏହି ଘର ଦେଖିବା ପରେ ରାଜାଙ୍କୁ କହିଲେ ଏହା ସ୍କଟଲାଣ୍ଡ ଭଳି ହୋଇଛି । ଏ ଭିତରେ ଥରେ ରାଜା ପ୍ରମୋଦଚନ୍ଦ୍ର ଦେବ ସ୍କଟଲାଣ୍ଡ ବୁଲିବାକୁ ଯାଇଥିଲେ । ସେଠାକାର ପରିବେଶ ଭଲଲାଗିବାରୁ ସେଠାରେ ସେ କିଛି ଦିନ ଅବସ୍ଥାନ କରିଥିଲେ । ସେଠାରୁ ଫେରିବା ପରେ ରାଜା ନିଜ ଅଞ୍ଚଳର ନାଁ ଦେଲେ ସ୍କଟଲାଣ୍ଡପୁର ଓ ପ୍ରାସାଦର ନାଁ ଦେଲେ ସ୍କଟଲାଣ୍ଡପୁର ପ୍ରାସାଦ । ଏହାକୁ ସେ ସ୍କଟଲାଣ୍ଡ ପରି ସୁନ୍ଦର ଭାବେ ଗଢିବାକୁ ଚାହୁଁଥିଲେ । ପ୍ରଥମେ ରାଜପ୍ରାସାଦ ଗଢି ଉଠିଲା ଓ ପରେ ବିଭିନ୍ନ ସଂପ୍ରଦାୟର ଲୋକଙ୍କୁ ଆଣି ଜନବସତି ସ୍ଥାପନ କରାଗଲା । ରାଜାଙ୍କର ଦୈନନ୍ଦିନ କାମ ନିମନ୍ତେ ପ୍ରାସାଦ ନିକଟରେ ବିଭିନ୍ନ ସଂପ୍ରଦାୟର ଲୋକଙ୍କୁ ଆଣି ଏକ ଛୋଟ ଜନବସତି ସ୍ଥାପନ ମଧ୍ୟ କରାଇଥିଲେ । ପ୍ରଥମେ ୨୦ରୁ ୩୦ଟି ପରିବାର ଥିଲେ । ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ଶହେରେ ପହଞ୍ଚିଲାଣି । ଏବେ ଗାଁର କିଛି ଲୋକ ଚାକିରିଆ ଥିବା ବେଳେ ଆଉ କିଛି ଚାଷୀ । ତେବେ ଦିନ ମଜୁରିଆଙ୍କ ସଂଖ୍ୟା ଅଧିକ । ଏବେ ରାଜପ୍ରାସାଦରେ ପ୍ରମୋଦ ଚନ୍ଦ୍ର ଦେବଙ୍କର ଦୁଇ ନାତି ଅଖିଳ ଚନ୍ଦ୍ର ଦେବ ଓ ଶରତ ଚନ୍ଦ୍ରଦେବ ଏଠାରେ ନିଜର ପରିବାର ସହ ରହୁଛନ୍ତି ।

ଶରତ ଚନ୍ଦ୍ର ଦେବ କୁହନ୍ତି– ମୋ ଜେଜେଙ୍କୁ ସେତେବେଳର ରାଜନେତାମାନେ ଘରଟି ସ୍କଟଲାଣ୍ଡ ଭଳି ଦେଖାଯାଉଛି ଓ ଏହାର ନାମ ସ୍କଟଲାଣ୍ଡ ଦେବାକୁ କହିଥିଲେ । ପରେ ଜେଜେ ସ୍କଟଲାଣ୍ଡ ବୁଲିବାକୁ ଯାଇଥିଲେ । ଫେରିବା ପରେ ଏହାର ନାମ ଦେଲେ ସ୍କଟଲାଣ୍ଡପୁର ପ୍ରାସାଦ । ସ୍କଟଲାଣ୍ଡ ଅର୍ଥ ହେଉଛି ଏକ ବଡ ଘର ଚାରିପଟେ ଛୋଟଛୋଟ ପାହାଡ ।

ଏହି ଗାଁରେ ରହୁଥିବା ଜଣେ ଗ୍ରାମବାସୀ ଡିଲେଶ୍ୱର ସାହୁ କୁହନ୍ତି– ରାଜାଙ୍କ ପ୍ରାସାଦର ନାମ ଅନୁସାରେ ଏହାର ନାମ ସ୍କଟଲାଣ୍ଡପୁର ରହିଛି । ଏଠାରେ ଆମର କୌଣସି ଅସୁବିଧା ନାହିଁ । ସମସ୍ତ ସରକାରୀ କାଗଜପତ୍ରରେ ଏହି ନାଁ ରହିଛି । ରାଜପ୍ରାସାଦ ହେବା ପରେ ରାଜା ଲୋକଙ୍କୁ ଆଣି ଏଠାରେ ରଖିଥିଲେ । ସେହିଦିନ ଠାରୁ ଏହି ଗାଁ ରହି ଆସିଛି । ଆଗରୁ ଗାଁକୁ ପକ୍କାରାସ୍ତା ନଥିଲା, ଯିବା ଆସିବାରେ ଅସୁବିଧା ହେଉଥିଲା। ଏବେ ପକ୍କା ରାସ୍ତା ଯୋଗୁ ଯିବା ଆସିବାରେ ଆଉ ଅସୁବିଧା ହେଉ ନାହିଁ ।

ଗାଁର ଆଉ ଜଣେ ଗ୍ରାମବାସୀ ଶଶି ବେହେରା କୁହନ୍ତି – ଆମ ପୂର୍ବପୁରୁଷ ଏଠାରେ ରହୁଥିଲେ, ଆମେ ମଧ୍ୟ ଏଠାରେ ରହୁଛୁ । ରାଜା ବିଦେଶରୁ ବୁଲି ଫେରିବା ପରେ ଏହାର ନାମ ଦେଇଥିଲେ ବୋଲି ବାପା ଜେଜେଙ୍କଠାରୁ ଶୁଣିଛୁ। ଛୋଟ ଜାଗା ହେଲେ ମଧ୍ୟ ଅତି ସୁନ୍ଦର ଏ ସ୍ଥାନ । ଇଂଲିଶ ନାମହେଲେ ମଧ୍ୟ କୌଣସି ଅସୁବିଧା ହେଉ ନାହିଁ । ସରକାରୀଠାରୁ ବେସରକାରୀ ପର୍ଯ୍ୟନ୍ତ ସବୁଠାରେ ଏହି ନାଁ ରହିଛି । ଇଂଲିଶ ନାମ ରହିଛି ବୋଲି ଏହି ସ୍ଥାନ ଏକ ସ୍ୱତନ୍ତ୍ର ପରିଚୟ ଲାଭ କରିଛି ବୋଲି ଆମେ ଅନୁଭବ କରୁଛୁ। ରାଜଧାନୀ ଭୁବନେଶ୍ୱରଠାରୁ ୧୧୬ କିମି ଦୂର ଅନୁଗୋଳ ଓ ଢେଙ୍କାନାଳ ଜିଲାର ସୀମାନ୍ତରେ ଅବସ୍ଥିତ ଏହି ଗାଁ ଭାରତୀୟ ଡାକସେବା ମାନଚିତ୍ରରେ ମଧ ନିଜର ଉପସ୍ଥିତି ଜାହିର କରିପାରିଛି । ଏହାର ନିକଟସ୍ଥ ପୋଷ୍ଟ ଅଫିସ ଧରମପୁର ହୋଇଥିବା ବେଳେ ୭୫୯୧୦୦ ପିନ୍‌କୋଡ ଏହି ଗ୍ରାମକୁ ପ୍ରଦାନ କରାଯାଇଛି । ଏଠାକୁ ଆସିବା ପାଇଁ ରେଳଷ୍ଟେଶନ ଓ ବସ୍‌ଷ୍ଟପ ତାଳଚେରରେ ରହିଛି ।

## ଇଂଲିଶ ନାଁରେ କଟକର ଗଳି

ବହୁ ପ୍ରାଚୀନ ସହର କଟକ । ମହାନଦୀ ଓ କାଠଯୋଡ଼ିର ତ୍ରିକୋଣଭୂମିରେ ଏହି ସଭ୍ୟତା କେବେ ଗଢ଼ି ଉଠିଛି ତାହାର ଠିକ୍ ହିସାବ କାହା ପାଖରେ ନାହିଁ । ଏକ ହଜାର ବର୍ଷର ସହରର ମାନ୍ୟତା ପାଇଥିବା କଟକରେ →


ସ୍କଟଲାଣ୍ଡପୁର


ଷ୍ଟିୱାର୍ଟ ପାଟଣା


ସ୍କଟଲାଣ୍ଡ ପୁର

ଇଂରେଜ ସରକାରଙ୍କ ରାଜୁତି ଦୀର୍ଘବର୍ଷ ରହିଥିଲା। ଫଳରେ ସହରରେ ଏବେ ବି ଛାପ ରହିଯାଇଛି ଇଂରେଜମାନଙ୍କର। ଅନେକ ସାହି କିମ୍ବା ରାସ୍ତାର ନାମ ରହିଛି ଯାହା ଇଂଲିସ ନାମରେ ନାମିତ।

**କ୍ୟାଣ୍ଟନମେଣ୍ଟ ରୋଡ୍:** ଇଂଲିଶ ଶବ୍ଦ କ୍ୟାଣ୍ଟନମେଣ୍ଟର ଅର୍ଥ ହେଉଛି ବ୍ରିଟିଶମାନଙ୍କ ସ୍ଥାୟୀ ସେନା ଶିବିର। ଭାରତରେ ବ୍ରିଟିଶ ସରକାରଙ୍କ ଶାସନ ଚାଲୁଥିବା ବେଳେ ବାରବାଟୀ ଦୁର୍ଗରୁ କିଛି ଦୂରରେ ତଥା ମହାନଦୀ ପଠା ନିକଟରେ ହିଁ ସେମାନଙ୍କ ସେନାର ଶିବିର ରହିଥିଲା । ଏହାକୁ ନେଇ ଏହି ସ୍ଥାନର ନାମ ଏପରି ହୋଇଛି । ଏବେ ଭିଭିଆଇପି ଅଞ୍ଚଳ ଭାବେ ଏହା ପରିଚିତ। ଜଷ୍ଟିସଙ୍କଠାରୁ ଆରମ୍ଭକରି ଅନେକ କ୍ଷମତାସମ୍ପନ୍ନ ବ୍ୟକ୍ତିଙ୍କ କ୍ୱାର୍ଟର କ୍ୟାଣ୍ଟନମେଣ୍ଟ ରୋଡରେ ରହିଛି । ବାରବାଟୀ ଷ୍ଟାଡିୟମ ଓ ବାଲିଯାତ୍ରା ପଡ଼ିଆକୁ ସଂଯୋଗ କରେ ଏହି ରାସ୍ତା।

**ଷ୍ଟିୱାର୍ଟ ପାଟଣା:** କନିକାଛକରୁ ସତୀଚଉରା ଆଡକୁ ଯିବା ବେଳେ ଡାହାଣଭାଗରେ ପଡ଼େ ଷ୍ଟିୱାର୍ଟ ପାଟଣା । ଏକ ଛୋଟ ଜନବସତି ଭାବେ ପରିଚିତ ଏହି ସ୍ଥାନ ବ୍ରିଟିଶର ଜଣେ ଡାକ୍ତରଙ୍କ ନାମରେ ନାମିତ ହୋଇଛି ବୋଲି କୁହାଯାଏ । ବ୍ରିଟିଶ ସରକାରଙ୍କର ଷ୍ଟିୱାର୍ଟ ନାମରେ ଜଣେ ସର୍ଜନ ଥିଲେ । ତାଙ୍କରି ନାମ ଅନୁସାରେ ସେ ସମୟରେ ଉକ୍ତ ଅଞ୍ଚଳର ନାମକରଣ କରାଯାଇଥିଲା । ସବୁ ସମ୍ପ୍ରଦାୟର ଲୋକ ଏଠାରେ ଭାଇଚାରାରେ ବାସ କରନ୍ତି। ଷ୍ଟିୱାର୍ଟ ପାଟଣା ଅଞ୍ଚଳ ସଂଯୋଗ କରୁଛି ବିଜୁ ପଟ୍ଟନାୟକ ଛକକୁ, ଯେଉଁଠି ଅଛି ପ୍ରବଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଘର।

**ପେନ୍ସନ୍ ଲେନ୍:** ପେନସନ କାର୍ଯ୍ୟାଳୟ ଥିବା ହେତୁ ବକ୍ସିବଜାର ନିକଟ ଅଞ୍ଚଳର ନାମ ପେନ୍ସନ୍ ଲେନ୍ ରଖାଯାଇଛି। ଏବେ ଏହି ଅଞ୍ଚଳରେ ତେଲୁଗୁ ସମ୍ପ୍ରଦାୟର ଲୋକେ ଅଧିକମାତ୍ରାରେ ବସବାସ କରୁଛନ୍ତି । କଦଳୀ ବ୍ୟବସାୟ ଏବଂ ଖାଡି କବାବ ପାଇଁ ଏହି ସ୍ଥାନଟି ପ୍ରସିଦ୍ଧ।

**ରେଭେନ୍ସା କଲେଜ ସ୍କୋୟାର୍:** ରେଭେନ୍ସା କଲେଜର ଇତିହାସ ବହୁତ ପୁରୁଣା। ଏହା ପଛରେ ରହିଛି ୧୫୦ବର୍ଷ ତଳର ଇତିହାସ। ଯୋବ୍ରା ନିକଟରେ ଚକ୍ରି ପଡ଼ିଆ ଭାବେ ଏକ ବିରାଟ ସ୍ଥାନ ଥିଲା। ଯୋବ୍ରା ଘାଟ ଦେଇ ବ୍ରିଟିଶ ପଦାଧିକାରୀମାନେ କଟକରେ ପହଞ୍ଚୁଥିଲେ। ଚକ୍ରିପଡ଼ିଆରେ ଘୋଡା ବନ୍ଧା ଯାଇଥାଏ। ଏଠାରୁ ସେମାନେ କଟକର ବିଭିନ୍ନ ସ୍ଥାନକୁ ଘୋଡା ଦ୍ୱାରା ଯାଇଥାନ୍ତି । ଏହି ଚକ୍ରିପଡ଼ିଆ ସ୍ଥାନରେ ଏବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଛିଡ଼ା ହୋଇଛି । ରେଭେନ୍ସା କଲେଜର ନାମ ଅନୁସାରେ କଲେଜସ୍କୋୟାର ନାମକରଣ କରାଯାଇଥିବା ଜଣାପଡ଼ିଛି । ସେହିପରି ଯୋବ୍ରା ଘାଟ ଦେଇ ପୂର୍ବରୁ ଲୋକେ ଏଠାକୁ ଆସୁଥିଲେ ।

**ପିଲିଗ୍ରିମ୍ ରୋଡ:** ଯୋବ୍ରାରେ ପହଞ୍ଚିବା ପରେ ପିଲିଗ୍ରିମ୍ ରୋଡ ଦେଇ ଛତ୍ରବଜାର ଓ ମାଲଗୋଦାମକୁ ଯାତାୟାତ କରୁଥିଲେ । ଛତ୍ରବଜାର ଓ ମାଲଗୋଦାମ ଥିଲା ବାଣିଜ୍ୟର ମୁଖ୍ୟସ୍ଥଳ। ଏଣୁ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ଉକ୍ତ ରୋଡର ନାମ ପିଲିଗ୍ରିମ ରୋଡ ରଖାଯାଇଛି । ଲୁହା ବ୍ୟବସାୟ ପାଇଁ ଏହି ସ୍ଥାନଟି ପ୍ରସିଦ୍ଧ।

**ସେଲ୍ଟର ଛକ–** କଟକକୁ ଚହଟାଘାଟ ଦେଇ ଆସୁଥିବା ଲୋକ ଏଠାରେ ରାତ୍ରିଯାପନ କରୁଥିଲେ। ପ୍ରାୟତଃ ବଙ୍ଗାଳି ଲୋକ ଏହି ଘାଟ ଦେଇ ବାଣିଜ୍ୟ ସାମଗ୍ରୀ ଧରି ଆସନ୍ତି ଓ ଏଠାରେ ରୁହନ୍ତି। ଆଶ୍ରୟ ଦେବା ଦୃଷ୍ଟିରୁ ଏହାର ନାମ ଏପରି ହୋଇଛି।


**ମିଶନ୍ ରୋଡ୍–**ଓଡ଼ିଆ ଭାଷାର ବିକାଶ ପାଇଁ ୧୮୩୪ ମସିହାରେ କଟକରେ ମିଶନ୍ ପ୍ରେସ୍ ପ୍ରତିଷ୍ଠା ହୋଇଥିଲା, ଯେଉଁଠାରେ ଅନେକ ଓଡିଆ ପୁସ୍ତକ ପ୍ରକାଶନ ହୋଇଛି। ଏହାର ନାମ ଅନୁସାରେ ମିଶନ୍ ରୋଡ ହୋଇଛି। ଏଠାରେ ଅଧିକାଂଶ ଖ୍ରୀଷ୍ଟିୟାନ ଲୋକ ରୁହନ୍ତି।

କଟକର ଏହିସବୁ ଗଳିର ନାଁ ଇଂରେଜ ଅମଳରୁ ରହିଆସିଛି। ଅବଶ୍ୟ ଏହାଛଡ଼ା ଆଉ ବି କିଛି ଗଳିର ନାଁ ଇଂଲିଶରେ ଅଛି। ଯାହାକୁ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଲୋକମାନେ ଦେଇଛନ୍ତି। ସେହିପରି କଟକ ଛଡ଼ା ଭୁବନେଶ୍ୱରରେ ମଧ୍ୟ ଇଂଲିଶ ନାଁରେ କିଛି ସ୍ଥାନ ରହିଛି, ଯେମିତିକି ଓଲ୍ଡ ଟାଉନ୍। ଓଲ୍ଡଟାଉନର ଜଣେ ବୟୋଜ୍ୟେଷ୍ଠ ବାସିନ୍ଦା କାଶୀନାଥ ପୂଜାପଣ୍ଡା କୁହନ୍ତି, '୧୯୩୬ ମସିହା, ଏପ୍ରିଲ ପହିଲାରେ ଆମ ରାଜ୍ୟ ସ୍ୱତନ୍ତ୍ର ପ୍ରଦେଶ ହେଲା। ସେତେବେଳେ ଭୁବନେଶ୍ୱରର ଜନବସତି ଖୁବ୍ କମ୍ ଥିଲା। ଆମ ଅଞ୍ଚଳ ଏକ ଗାଁ ଥିଲା, ଯେଉଁଠି ସହରର ସବୁ ସୁବିଧା ଉପଲବ୍ଧ ହେଉଥିଲା। ଖୋର୍ଦ୍ଧା, ପୁରୀ, ବାଲିପାଟଣା, କଟକରୁ ବସ୍ ଯାତାୟତ କରୁଥିଲା। ସାହିଗୁଡିକରେ ଭାଇଚାରା ରହିଥିଲା। ପର୍ଯ୍ୟଟକମାନେ ବି ଆସୁଥିଲେ। ତେଣୁ ଏହାର ନାମ ଓଲ୍ଡଟାଉନ ହେଲା। ଆଇଆର୍‌ସି ଭିଲେଜ୍, ଆନି ହାଉସ୍ ଛକ, ଫରେଷ୍ଟ ପାର୍କ ଆଦି ପରି ଆଉକିଛି ଗାଁ ଓ ଗଳି ଇଂଲିଶ ନାଁରେ ଏବେବି ରହିଛି।

ସେମିତି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ତଥା ଚାନ୍ଦବାଲି ତହସିଲ ଅଧୀନସ୍ଥ ଧାମରା ଉପକୂଳରେ ସମୁଦ୍ରରେ ହ୍ୱିଲର ଦ୍ୱୀପପୁଞ୍ଜ ନାମରେ ୫ଟି ବାଲିଦ୍ୱୀପ ରହିଛି । ଏହାର ସୃଷ୍ଟି ନେଇ କୌଣସି ପ୍ରାମାଣିକ ତଥ୍ୟ ନ ଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଏହା ବିଭିନ୍ନ ବାଲିଚଢ଼ା ନାମରେ ପରିଚିତ । ଏହାର ଏକ ମୁଖ୍ୟ ଦ୍ୱୀପକୁ ଏପିଜେ ଅବଦୁଲ କାଲାମ ଆଇଲାଣ୍ଡ ନାମରେ ନାମିତ କରାଯାଇ ଥିବାବେଳେ ଅନ୍ୟ ୪ଟିର ନାଁ ଇଂଲିଶ ନାମରେ ରହିଛି ଯଥା– କକୁଆନଟ୍ ଆଇଲାଣ୍ଡ, ଲଙ୍ଗ୍ ହ୍ୱିଲର୍ ଆଇଲାଣ୍ଡ, ସର୍ଟ୍‌ସ ଆଇଲାଣ୍ଡ, ସ୍ମଲ ହ୍ୱିଲର ଆଇଲାଣ୍ଡ। ଏପିଜେ ଅବଦୁଲ୍ କଲାମ୍ ଆଇଲାଣ୍ଡରେ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ(ଡିଆରଡିଓ)ର ଲଞ୍ଚପ୍ୟାଡ ଓ ଗବେଷଣା କେନ୍ଦ୍ର ରହିଛି । ଏଠାରେ ବିଭାଗୀୟ କର୍ମଚାରୀଙ୍କ ବସତି ରହିଥିବା ବେଳେ ଅନ୍ୟ ଦ୍ୱୀପଗୁଡିକରେ ଜନ ବସତି ନାହିଁ। ଏଠାରେ ବାଲିଚଢ଼ା ଓ ଲୁଣା ଜଙ୍ଗଲ ରହିଛି । ଏକଦା ଏହି ଦ୍ୱୀପଗୁଡିକ ଅଜ୍ଞାତ ଥିବାବେଳେ ଡିଆରଡିଓର ପୂର୍ବତନ ନିର୍ଦ୍ଦେଶକ ତଥା ମିସାଇଲ୍‌ମ୍ୟାନ୍ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ଉଦ୍ୟମରେ ବିଶ୍ୱରେ ଏକ କ୍ଷେପଣାସ୍ତ୍ର ଘାଟି ଭାବରେ ଏହା ପରିଚିତ ହୋଇଛି।

ସତକହିଲେ ନାଁ କେବଳ ପରିଚୟର ଗୋଟିଏ ମାଧ୍ୟମ। ପ୍ରଥମରୁ ଯାହାବି ନାଁ ରହିଥାଏ ସେଇଥିରେ ଲୋକ ଅଭ୍ୟସ୍ତ ହୋଇଥାଆନ୍ତି। ଆଉ ବଦଳେଇବା କଥା ମନରେ ଆସେନି। ସେଇଥିପାଇଁ ବୋଧେ ଇଂରେଜମାନେ ରହିଥିବା ଅଧିକାଂଶ ସ୍ଥାନରେ ଇଂଲିଶ ନାଁ ଶୁଣିବାକୁ ମିଳୁଥିବାବେଳେ ଅନ୍ୟସ୍ଥାନରେ ଲୋକମାନେ କହି କହି କିଛି ସ୍ଥାନର ନାଁ ଇଂଲିଶରେ ରହିଯାଇଛି।


କ୍ୟାଣ୍ଟନମେଣ୍ଟ ରୋଡ୍


ପେନ୍ସନ୍ ଲେନ୍

–ରୋଜାଲିନ୍ ମହାନ୍ତି

କୁମାରଶ୍ରୀ ସାହୁ, ମନୋଜ ନନ୍ଦ, ସୁବାସ ପ୍ରଧାନ


ପିଲିଗ୍ରିମ୍ ରୋଡ

# ହଂସୁଳି ଫ୍ୟାଶନ

















**ଦିନ ଥିଲା ମହିଳାମାନେ ସୁନା କିମ୍ବା ରୁପାରେ ତିଆରି ଏକ ସ୍ୱତନ୍ତ୍ର ଧରଣର ମୋଟା ଗହଣା ବେକରେ ପିନ୍ଧୁଥିଲେ, ଯାହାକୁ ହଂସୁଲି ବୋଲି କୁହାଯାଉଥିଲା। ଏହା ଥିଲା ଏକପ୍ରକାର ପାରମ୍ପରିକ ଗହଣା...**



ଦିନ ଥିଲା ମହିଳାମାନେ ସୁନା କିମ୍ବା ରୁପାରେ ତିଆରି ଏକ ସ୍ୱତନ୍ତ୍ର ଧରଣର ମୋଟା ଗହଣା ବେକରେ ପିନ୍ଧୁଥିଲେ, ଯାହାକୁ ହଂସୁଲି ବୋଲି କୁହାଯାଉଥିଲା। ଏହା ଥିଲା ଏକପ୍ରକାର ପାରମ୍ପରିକ ଗହଣା। କିନ୍ତୁ ସମୟ ବଦଳିବା ସହ ହଂସୁଲିର ଡିଜାଇନ୍‌ରେ ବି ସାମାନ୍ୟ ପରବର୍ତ୍ତନ ଦେଖାଗଲା। ଆଉ କେବଳ ସୁନା, ରୁପା ନୁହେଁ ଅନ୍ୟ ଧାତୁରେ ମଧ୍ୟ ଏହା ତିଆରି ହେଲା। କ୍ରମେ ପାରମ୍ପରିକ ଗହଣାରୁ ବାହାରି ଏହା ଏକ ପ୍ରକାର ଫ୍ୟାଶନ ଜୁଏଲେରିରେ ପରିଣତ ହେଲା, ଯାହାର ଚଳଣି ଏବେ ବି ଚାଲିଛି ଆଉ ଆଗକୁ ରହିବ ବୋଲି ମଧ୍ୟ ଆଶା କରାଯାଉଛି।

## କେଉଁଠି କେଉଁଠି ପିନ୍ଧାଯାଏ ହଂସୁଲି

ମହାରାଷ୍ଟ୍ର ଏବଂ ଗୁଜରାଟର କେତେକ ସ୍ଥାନରେ ମହିଳାମାନେ ହଂସୁଲିକୁ ମୁଖ୍ୟ ଆଭୂଷଣ ଭାବେ ବେକରେ ପିନ୍ଧିଥାନ୍ତି। ସେହିପରି ଛତିଶଗଡ଼, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ବି ହଂସୁଲୀ ପିନ୍ଧିବାର ପରମ୍ପରା ରହିଛି। ତେବେ ସମୟାନୁସାରେ ହଂସୁଲି ଡିଜାଇନ୍‌ରେ ଅନେକ ପରିବର୍ତ୍ତନ ଆସିଥିଲେ ବି ଏହାର ମୂଳରୂପ ପ୍ରାୟ ସବୁଠି ସମାନ ରହିଥାଏ।

## ହଂସୁଲିର ଡିଜାଇନ୍

ଗତିଶୀଳ ସମୟାନୁସାରେ ଏବେ ମାର୍କେଟରେ କେତେ ନୂଆ ନୂଆ ତଥା ଆକର୍ଷଣୀୟ ହଂସୁଲିର ସମ୍ଭାର ଦେଖିବାକୁ ମିଳୁଛି। ଏଠାରେ ସେମିତି କିଛି ପରମ୍ପରା ସହିତ ଜଡିତ ଥିବା ପାରମ୍ପରିକ ଓ ମଡର୍ନ ଡିଜାଇନ୍‌ର ହଂସୁଲି ସମ୍ପର୍କରେ ଉଲ୍ଲେଖ କରାଗଲା, ଯାହାକୁ ଆପଣ ଆପଣଙ୍କ ପରିଧାନ ସହ ମ୍ୟାଚିଂ କରି ପିନ୍ଧି ଟିକେ ଡିଫରେଣ୍ଟ ଲୁକ୍ ପାଇପାରିବେ।

**ରୁପାର ହଂସୁଲି:** ରୁପାରେ ତିଆରି ହଂସୁଲିର ଡିମାଣ୍ଡ ପୂର୍ବରୁ ଥିଲା ଆଉ ଏବେ ବି ଅଛି। ଏହାକୁ ମୁଖ୍ୟତଃ ଖଦି ପୋଷାକ ସହ ମ୍ୟାଚିଂ କରି ପିନ୍ଧିଲେ ଭଲ ମାନିଥାଏ।


**ଫ୍ଲୋରାଲ୍ ଡିଜାଇନ୍‌ବାଲା ରୁପାର ହଂସୁଲି:** ରୁପାର ହଂସୁଲି ଉପରେ ଫ୍ଲୋରାଲ୍ ବା ଫୁଲ ଡିଜାଇନ୍‌ର କାରୁକାର୍ଯ୍ୟ ଖୁବ୍ ଆକର୍ଷଣୀୟ ଲାଗିଥାଏ। ଏହା ମୁଖ୍ୟତଃ ହାଲ୍‌କା ରଙ୍ଗର ଆଉଟ୍‌ଫିଟ୍ ସହ ବେଶ୍ ଭଲ ମାନିଥାଏ।

**କୁନ୍ଦନ ଖଚିତ ସୁନାର ହଂସୁଲି:** ଏହି ଡିଜାଇନ୍‌ର ହଂସୁଲିକୁ ବିଶେଷ କରି ଶାଢ଼ି ସହିତ ପିନ୍ଧିଲେ ହିଁ ପରଫେକ୍ଟ ଲୁକ୍ ମିଳିଥାଏ।

**ମୋତି ଖଚିତ ହଂସୁଲି:** ଏହି ହଂସୁଲି ରୟାଲ୍ ଲୁକ୍ ଦେଇଥାଏ। ପାର୍ଟି, ଫଙ୍କଶନ୍‌କୁ ଯିବାର ଥିଲେ ଶାଢ଼ି, ଲେହେଙ୍ଗା ସହ ଏହାକୁ ମ୍ୟାଚିଂ କରି ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳିଥାଏ।

**ମୀନା କାମ ହୋଇଥିବା ହଂସୁଲି:** ଏ ଧରଣର ହଂସୁଲି ରାଜସ୍ଥାନୀ ଆଉଟ୍‌ଫିଟ୍ ସହିତ ବେଶ୍ ଭଲ ମାନିଥାଏ। କାରଣ ଏଥିରେ ଯେଉଁ ରଙ୍ଗବେରଙ୍ଗର ମୀନା କାମ ହୋଇଥାଏ, ତାହା ରାଜସ୍ଥାନୀ ଲେହେଙ୍ଗା ସହିତ ମ୍ୟାଚିଂ କରି ପିନ୍ଧିଲେ ସୁନ୍ଦର ଦେଖାଯାଏ।

# ସୟଦ ରାଜା




ସୟଦ ହାଇଦର ରାଜା। ସଂକ୍ଷେପରେ ସେ ଏସ୍.ଏଚ୍. ରାଜା ଭାବେ ପରିଚିତ। ସେ ଜଣେ ବିଶ୍ୱ ପ୍ରସିଦ୍ଧ ଭାରତୀୟ ଚିତ୍ରକର। ତାଙ୍କ ଜୀବନକାଳ ମଧ୍ୟରେ ସେ ଫ୍ରାନ୍ସରେ ଦୀର୍ଘଦିନ ରହି ଚିତ୍ର କରୁଥିଲେ। ଫ୍ରାନ୍ସରେ ରହିଥିଲେ ମଧ୍ୟ ତାଙ୍କର ଆତ୍ମା ରହିଥିଲା ଭାରତରେ। ଭାରତୀୟ ସଂସ୍କାର, ସଂସ୍କୃତି, ଐତିହ୍ୟ ତାଙ୍କ ରକ୍ତରେ ଥିଲା। ସେ ଭାରତର ପାଣିପବନକୁ ନିଜର ନିଃଶ୍ୱାସ ପ୍ରଶ୍ୱାସରେ ଅନୁଭବ କରୁଥିଲେ। ସେଥିଲାଗି ସେ ଫ୍ରାନ୍ସରେ ରହି ଚିତ୍ର ଆଙ୍କୁଥିଲେ ମଧ୍ୟ ତାଙ୍କର ଚିତ୍ରକଳାଗୁଡ଼ିକ ଭାରତୀୟ ରଙ୍ଗରେ ରଙ୍ଗିନ ହୋଇ ଉଠୁଥିଲା ବୋଲି କଳା ସମୀକ୍ଷକମାନେ ଅହରହ ମତବ୍ୟକ୍ତ କରୁଥିଲେ। ତାଙ୍କର ଚିତ୍ରକଳା ମୁଖ୍ୟତଃ ଥିଲା ଅବଷ୍ଟ୍ରାକ୍ଟ ତଥା ଆକ୍ରିଲିକ୍। ଗାଢ଼ ରଙ୍ଗର ବହୁଳତା ମଧ୍ୟରେ ସେ ଚିତ୍ର ଆଙ୍କୁଥିଲେ। ତାଙ୍କ ଚିତ୍ରରେ ଭାରତୀୟ ମହାଜାଗତିକତା ଯେତିକି ପରିମାଣରେ ରହୁଥିଲା ସେତିକି ପରିମାଣରେ ଭାରତୀୟ ଦର୍ଶନର ରଙ୍ଗ ମଧ୍ୟ ପ୍ରତିଫଳିତ ହୋଇଉଠୁଥିଲା। ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ପୁଣି ସେ ପଦ୍ମ ବିଭୂଷଣ ସମ୍ମାନରେ ମଧ୍ୟ ସମ୍ମାନିତ ହୋଇଥିଲେ। ସେତିକିନୁହେଁ, ଫ୍ରାନ୍ସ ସରକାର ମଧ୍ୟ ତାଙ୍କୁ ସର୍ବୋଚ୍ଚ ଫ୍ରେଞ୍ଚ୍ ସିଭିଲିଆନ୍ ଆୱାର୍ଡ ପ୍ରଦାନ କରିଥିଲେ। ତାଙ୍କୁ ଭାରତର ସବୁଠୁ ଦାମୀ ଆଧୁନିକ ଚିତ୍ରକର ବୋଲି କୁହାଯାଏ। ୨୦୧୦ରେ ତାଙ୍କର ଏକ ଚିତ୍ର ୧୬ହଜାର କୋଟିରୁ ଅଧିକ ଟଙ୍କାରେ ବିକ୍ରି ହୋଇଥିଲା। ୧୯୫୯ରେ ଫରାସୀ ଚିତ୍ରକର ଜେନାଇନ୍ ମଙ୍ଗିଲାଟ୍‌ଙ୍କ ସହିତ ତାଙ୍କର ବିବାହ ହୋଇଥିଲା। ଏହା ପରେ ଦୁଇଦେଶ ଫ୍ରାନ୍ସ ଓ ଭାରତ ତାଙ୍କର କର୍ମସ୍ଥଳୀ ପାଲଟି ଯାଇଥିଲା। ୨୦୦୨ରେ ମଙ୍ଗିଲାଟ୍‌ଙ୍କର କର୍କଟ ରୋଗରେ ପ୍ରାଣହାନି ଘଟିଥିଲା।

**ପିଲାବେଳ ଓ ପାଠପଢ଼ା:** ମଧ୍ୟପ୍ରଦେଶର ନରସିଂହପୁର ଜିଲାସ୍ଥିତ ବାବରିଆ ଗ୍ରାମରେ ଜନ୍ମ ହୋଇଥିଲେ ସୟଦ ରାଜା। ବାପାଙ୍କ ନାମ ସୟଦ ମହମ୍ମଦ ରାଜି। ତାଙ୍କ ବାପା ଜଣେ ଡେପୁଟି ଫରେଷ୍ଟ ରେଞ୍ଜର ଥିଲେ। ୧୨ବର୍ଷ ବୟସରୁ ସୟଦ ରାଜା ଚିତ୍ର କରିବାରେ ମନୋନିବେଶ କରିଥିଲେ। ଚିତ୍ର ପ୍ରତି ତାଙ୍କ ଭିତରେ ଏତେ ଦୁର୍ବଳତା ଥିଲା ଯେ, ସେ ଚିତ୍ର କରିବା ବେଳେ ସବୁକିଛି ଭୁଲି ଯାଉଥିଲେ। ହାଇସ୍କୁଲ ପଢ଼ା ଶେଷ କରିବା ପରେ ସେ ନାଗପୁର ସ୍କୁଲ ଅଫ୍ ଆର୍ଟରେ ନାମ ଲେଖାଇଥିଲେ। ସେଠାରେ ପଢ଼ା ଶେଷ କରି ସେ ଫ୍ରାନ୍ସ ଗଲେ ଚିତ୍ର ଉପରେ ଅଧିକ ଗବେଷଣା କରିବା ପାଇଁ। ଫ୍ରାନ୍ସରେ ଥିବା ସମୟରେ ସେ ସମଗ୍ର ୟୁରୋପ୍ ଭ୍ରମଣ କରିଥିଲେ। ଫ୍ରାନ୍ସ ତାଙ୍କର ପ୍ରିୟ ସ୍ଥାନ ପାଲଟି ଯାଇଥିଲା। ସେ ପ୍ୟାରିସ୍‌ରେ ମଧ୍ୟ ତାଙ୍କର ଚିତ୍ର ପ୍ରଦର୍ଶନୀ କରାଇଥିଲେ।







**ବମ୍ବେରୁ ଆରମ୍ଭ:** ୧୯୪୬ରେ ବମ୍ବେ ଆର୍ଟ ସୋସାଇଟି ସେଲୁନ୍‌ରେ ନିଜର ପ୍ରଥମ ଏକକ ଚିତ୍ରକଳା ପ୍ରଦର୍ଶନୀ କରିଥିଲେ ସୟଦ ରାଜା। ଏଥିରେ ସୋସାଇଟି ପକ୍ଷରୁ ତାଙ୍କୁ ସିଲଭର ମେଡାଲ ମଧ୍ୟ ପ୍ରଦାନ କରାଯାଇଥିଲା। ୱାଟର କଲରରୁ ରାଜା ଆରମ୍ଭ କରିଥିଲେ ତାଙ୍କର ଚିତ୍ରକଳା କ୍ୟାରିଅର। ଏହା ଥିଲା ତାଙ୍କର ପ୍ରାଥମିକ ପର୍ଯ୍ୟାୟର କଥା। ସେତେବେଳେ ଚିତ୍ରକଳାର ଗୁରୁମାନେ ଭବିଷ୍ୟବାଣୀ କରିଥିଲେ ଯେ, ଏହି ଚିତ୍ରକଳା କେବଳ ଭାରତ ଭିତରେ ସୀମିତ ହୋଇ ରହିବନାହିଁ। ଅଧିକନ୍ତୁ ଏହା ଦିନେ ବିଶ୍ୱରେ ଭାରତକୁ ପ୍ରତିନିଧିତ୍ୱ କରିବ। ଏକଥା କହିବା ନିଷ୍ପ୍ରୟୋଜନ ଯେ, ସେହି ଭବିଷ୍ୟତବାଣୀ ଦିନେ ସତ୍ୟରେ ପରିଣତ ହୋଇଥିଲା। ଆଜି ସୟଦ ରାଜାଙ୍କୁ ଜଣେ ବିଶ୍ୱସ୍ତରୀୟ ଭାରତୀୟ ପେଣ୍ଟର ଭାବରେ ମାନ୍ୟତା ପ୍ରଦାନ କରାଯାଏ।

**ଦୁର୍ଭାଗ୍ୟର ବର୍ଷ:** ୧୯୪୭ ମସିହାଟି ସୟଦ ରାଜାଙ୍କ ପାଇଁ ଥିଲା ଅତି ଗୁରୁତ୍ୱପୂର୍ଣ୍ଣ ବର୍ଷ। ଏହିବର୍ଷ ତାଙ୍କ ମା'ଙ୍କର ଦେହାନ୍ତ ଘଟିଥିଲା। ଏହା ତାଙ୍କ ପାଇଁ ଥିଲା ସବୁଠୁ ବଡ଼ ଦୁର୍ଭାଗ୍ୟଜନକ ଅଧ୍ୟାୟ ବୋଲି ସୟଦ ରାଜା ଅନେକ ସ୍ଥାନରେ ପ୍ରକାଶ କରିଥିଲେ। ଏହିବର୍ଷ ବି ସେ 'ବମ୍ବେ ପ୍ରୋଗ୍ରେସିଭ୍ ଆର୍ଟିଷ୍ଟ' ନାମରେ ଏକ ଚିତ୍ରକର ଗୋଷ୍ଠୀ ଗଠନ କରିଥିଲେ। ଏଥିରେ କେ.ଏଚ୍. ଆରା, ଏଫ୍.ଏନ୍. ସୌଜାଙ୍କ ପରି ବିଶ୍ୱପ୍ରସିଦ୍ଧ ବ୍ୟକ୍ତିତ୍ୱମାନେ ସାମିଲ୍ ହୋଇଥିଲେ। ଏହି ଗୋଷ୍ଠୀର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଥିଲା ୟୁରୋପୀୟ ଚିତ୍ରକଳାକୁ ଭାରତୀୟ ଚିତ୍ରକଳା ସହିତ ସମ୍ମିଶ୍ରଣ କରିବା। ଏହି ଗୋଷ୍ଠୀର ପ୍ରଥମ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ୧୯୪୮ ମସିହାରେ ; ଯାହା ଭାରତୀୟ ଚିତ୍ରକରଙ୍କ ପାଇଁ ଏକ ପୁନର୍ଜାଗରଣର ହାୱା ସୃଷ୍ଟି କରିଥିଲା। ଏହିବର୍ଷ ମଧ୍ୟ ତାଙ୍କ ପାଇଁ ଆଉ ଏକ ଦୁଃଖ ନେଇ ଆସିଥିଲା। ତାହା ଥିଲା ତାଙ୍କ ବାପାଙ୍କ ଦେହାନ୍ତ। ମା' ଯାଇଥିଲେ। ବାପା ବି ଗଲେ। ମାନସିକ ସ୍ତରରେ ଏକୁଟିଆ ହୋଇ ଯାଇଥିଲେ ସୟଦ ରାଜା। ପୁଣି ଦେଶ ବିଭାଜନ ବି ଥିଲା ବେଢ଼ି ଉପରେ କୋରଡ଼ା ସଦୃଶ। ସେ ନିଜର ଭାଇଭଉଣୀଙ୍କ ସହିତ ପ୍ରିୟ ଭାରତକୁ ଛାଡ଼ିଦେଇ ପାକିସ୍ତାନ ଚାଲି ଯାଇଥିଲେ। ପାକିସ୍ତାନରେ ସୀମିତ ନ ଥିଲା ତାଙ୍କର ଯାତ୍ରା। ଏହି ଯାତ୍ରା ଲମ୍ବିଥିଲା ଫ୍ରାନ୍ସ ଯାଏ। ଫ୍ରାନ୍ସରେ ଥାଇ ବି ତାଙ୍କର ଚିତ୍ରକଳା ଅଖଣ୍ଡ ଭାରତର ଜୟଗାନ କରିଥିଲା।

୨୦୧୬ ମସିହା ଜୁଲାଇ ୨୩ ତାରିଖରେ ଏହି ମହାନ୍ ପ୍ରତିଭାଧର ଚିତ୍ରକରଙ୍କର ଦେହାନ୍ତ ହୋଇଥିଲା।

## ପୁସ୍ତକ ସମୀକ୍ଷା

### ସ୍ମୃତି ବିସ୍ମୃତିର ସାତଭାୟା




ଉପନ୍ୟାସ 'ସ୍ମୃତି ବିସ୍ମୃତିର ସାତଭାୟା' ଆମର ହସ୍ତଗତ ହୋଇଛି। ୨୪୪ ପୃଷ୍ଠାର ଏହି ଉପନ୍ୟାସକୁ ରଚନା କରିଛନ୍ତି ଶୁଭ୍ରାଂଶୁ ଭୂଷଣ ସୂତାର। ଉପନ୍ୟାସର ଭୌଗୋଳିକ ଅବସ୍ଥିତି ସାତଭାୟାକୁ ନେଇ ସୃଷ୍ଟି କରାଯାଇଛି। ସାତଭାୟା କେବଳ ଗୋଟିଏ ସ୍ଥାନ ନୁହେଁ। ସାତଭାୟା ଗୋଟେ ସ୍ୱପ୍ନ। ସାତଭାୟାକୁ ନେଇ ରହିଛି ଅନେକ ମାନବୀୟ ସଂଘର୍ଷ ଓ ସଂଘର୍ଷର କଥା। ସାତଭାୟା ଶବ୍ଦଟି ମଧ୍ୟରେ ଲୁଚି ରହିଛି ବହୁ ଲହୁ ଆଉ ଲୁହର କାହାଣୀ। ଏ ଉପନ୍ୟାସ ବିଷୟରେ ଏତିକି କୁହାଯାଇପାରେ ଯେ, ଏଭଳି ଉପନ୍ୟାସ ରଚନା କରିବା ଏକ ଦୁଃସାହସିକ ପଦକ୍ଷେପ। ଉପନ୍ୟାସର ଭାଷା ମଧ୍ୟ ବେଶ ସରଳ ଓ ଗତିଶୀଳ। ଏହା ପାଠକମାନଙ୍କର ପଠନ ପିପାସାକୁ ଆଗକୁ ଆଗେଇନେବ ବୋଲି କୁହାଯାଇପାରେ।

### ଇଂ ବିଦ୍ୟାଧର ପଣ୍ଡାଙ୍କ ଚାରୋଟି ବହି




ଇଂ ବିଦ୍ୟାଧର ପଣ୍ଡାଙ୍କ ରଚିତ ଚାରିଗୋଟି ପୁସ୍ତକ ଆମର ହସ୍ତଗତ ହୋଇଛି। ସେଗୁଡ଼ିକ ହେଉଛି 'ସାହସ', 'ବ୍ୟଙ୍ଗ ଦର୍ପଣ', 'ଭକ୍ତି ଶତଦଳ' ଏବଂ 'ଦର୍ଶନୀୟ ପୀଠ ଓ ତା'ର ମାହାତ୍ମ୍ୟ'। ପ୍ରଥମ ତିନିଗୋଟି ପଦ୍ୟ ପୁସ୍ତକ ହୋଇଥିବା ବେଳେ ଚତୁର୍ଥଟି ଏକ ଗଦ୍ୟ ପୁସ୍ତକ। 'ସାହସ' ସଂକଳନରେ ରହିଛି ଚାଳିଶରୁ ଊର୍ଦ୍ଧ୍ୱ କବିତା। କବିତାଗୁଡ଼ିକ ବଙ୍ଗଳାଶ୍ରୀ ଛନ୍ଦରେ ଅନୁବନ୍ଧିତ। 'ଭକ୍ତି ଶତଦଳ' ସଂକଳନଟି ଏକ ଭକ୍ତି କବିତା ସଂକଳନ। ଏଥିରେ ଶହେଟି ଭକ୍ତିଗୀତ ସନ୍ନିବେଶିତ। କବିତାଗୁଡ଼ିକ ଜଗତରନାଥ ଜଗନ୍ନାଥଙ୍କୁ ଉତ୍ସର୍ଗୀକୃତ। 'ବ୍ୟଙ୍ଗ ଦର୍ପଣ' ସଂକଳନଟିର ନାମରୁ ଜଣାଯାଏ ଯେ, ଏହା ଏକ ବ୍ୟଙ୍ଗ କବିତା ସଂକଳନ। ଏଥିରେ ଥିବା ବ୍ୟଙ୍ଗଗୁଡ଼ିକ ଖୁବ୍ ତୀକ୍ଷ୍ଣ ତଥା ସଂସ୍କାର ଧର୍ମୀ। ଶେଷତମ ପୁସ୍ତକ 'ଦର୍ଶନୀୟ ପୀଠ ଓ ତା'ର ମାହାତ୍ମ୍ୟ'। ଏଥିରେ ଓଡ଼ିଶା ତଥା ଭାରତର ବହୁ ଦର୍ଶନୀୟ ସ୍ଥାନ ସମ୍ପର୍କରେ ବର୍ଣ୍ଣନା କରାଯିବା ସହିତ ସେହି ସ୍ଥାନ ସହ ସମ୍ପୃକ୍ତ କଥାସବୁର ମଧ୍ୟ ବର୍ଣ୍ଣନା ଦିଆଯାଇଛି। ପୁସ୍ତକ ଚାରୋଟି ପାଠକାଦୃତ ହେବା ଆଶା କରାଯାଏ।

# ଆମ୍ରୋ ବିସ୍କୁଟ୍

**–ଶ୍ୱେତା ରାଉତ**

ସୁନିତା ଓ ଗୌରୀ ପିଲାଦିନରୁ ଖୁବ୍ ଭଲ ସାଙ୍ଗ । ସୁନିତା ବଡ଼ଘରର ଝିଅ । ସ୍କୁଲ ଗଲାବେଳେ ଖୁବ୍ ଭଲ ଭଲ ଡ୍ରେସ୍ ପିନ୍ଧି ଯାଏ । ସମସ୍ତେ ଯେତେବେଳେ ପୁରୁଣା ବହି ଧରି, ଖଣ୍ଡେ କପଡ଼ା ବ୍ୟାଗ୍ କାଖରେ ଯାକି ସ୍କୁଲ ଯାଆନ୍ତି, ସୁନିତା ସେତେବେଳେ ଗୋଟେ ସୁନ୍ଦର ଛୋଟ ବାକ୍ସରେ ନୂଆ ନୂଆ ବହିଖାତା ନେଇ ସ୍କୁଲକୁ ଯାଏ । ତା' ବାକ୍ସ ଭିତରେ ଆମ୍ରୋ ବିସ୍କୁଟ ଭରିଥିବା ଗୋଟେ ଟିଫିନ୍ ବାକ୍ସ ସବୁବେଳେ ନେଇଥାଏ । ତା' ବାପା କୁଆଡ଼େ ବିସ୍କୁଟ ଫ୍ୟାକ୍ଟ୍ରିରେ କାମ କରନ୍ତି । ଗୋଟେ କମଳା ଚକୋଲେଟ୍, ଖଣ୍ଡେ କଞ୍ଚା ତେନ୍ତୁଳି, ୪/୬ଟି ଜାମୁକୋଳି କିମ୍ବା ଦି'ମୁଠା ମୁଢ଼ି ନେଇ ସ୍କୁଲ ଯାଉଥିବା ଗାଁର ପିଲାମାନେ ଆମ୍ରୋ ବିସ୍କୁଟ ଖାଇବା ଆଶାରେ ସୁନିତାର ସବୁ ହୋମ୍‌ୱାର୍କ ବି କରିଦିଅନ୍ତି । ଗୌରୀ ମଧ୍ୟ ସବୁଦିନ ସୁନିତାର ପାଠ କରିଦିଏ ଓ ବଦଳରେ ସୁନିତା ତାକୁ ଖଣ୍ଡେ ଆମ୍ରୋ ବିସ୍କୁଟ ଦିଏ । ରୀତିମତ ଚାଲେ ଏମିତି ସୁନିତା ଓ ଗୌରୀର ବନ୍ଧୁତ୍ୱ । ଦିନେ ସୁନିତା ଅନୁପସ୍ଥିତିରେ ତା' ବାକ୍ସରୁ କିଏ ୨-୪ ଖଣ୍ଡ ବିସ୍କୁଟ କାଢ଼ି ନେଇଥାଏ । ସୁନିତା ସିଧା ଯାଇ ଆକ୍ରମଣ କରେ ଗୌରୀ ଉପରେ । ସତ କହ ଗୌରୀ, ମୋ ବାକ୍ସରୁ ବିସ୍କୁଟତକ ତୁ ଚୋରି କରିଛୁ । ଯଦି ନ ମାନିବୁ ମୁଁ ପ୍ରଧାନଶିକ୍ଷକଙ୍କୁ ଜଣାଇବି । ଗୌରୀ କାନ୍ଦ କାନ୍ଦ ହୋଇ କହିଲା, 'ସୁନିତା ତୁ ମୋର ଭଲ ସାଙ୍ଗ । ସବୁଦିନ ମୁଁ ତୋର ହୋମ୍‌ୱାର୍କ କରି ତୋଠୁ ଖଣ୍ଡେ ଆମ୍ରୋ ବିସ୍କୁଟ ନିଏ । ମୁଁ କେବେ ଚୋରି କରିନି ।' ସୁନିତା କିନ୍ତୁ ଗୌରୀର କୌଣସି କଥା ଶୁଣିବାକୁ ନାରାଜ, ସିଧାଯାଇ ଅଭିଯୋଗ କଲା ପ୍ରଧାନଶିକ୍ଷକଙ୍କ ନିକଟରେ । ପ୍ରଧାନଶିକ୍ଷକ କିଛି ନ ଶୁଣି ଚୋରି କରିଛୁ କହି ଗୌରୀକୁ ସ୍କୁଲରୁ ବାହାର କରିଦେଲେ । ଗୌରୀର ବାପା ଥିଲେ ଦିନମଜୁରିଆ । ଅଭାବର ବୋଝ ବୋହି ବୋହି ଭାଙ୍ଗିପଡ଼ିଥିଲେ । ଗୌରୀ ଉପରେ ଖୁବ୍ ବିରକ୍ତ ହେଲେ । ଝିଅକୁ ନେଇ ଭୁବନେଶ୍ୱର ଯାଇ ଏକ ବସ୍ତିରେ ରହିଲେ । ପ୍ରଥମେ ବାଲି ସିମେଣ୍ଟ କାମ ଓ ପରେ ଗୋଟେ ବିସ୍କୁଟ ଫ୍ୟାକ୍ଟ୍ରିରେ କାମକରି ଗୌରୀକୁ ସରକାରୀ ସ୍କୁଲରେ ପଢ଼ାଇଲେ । ଦୀର୍ଘଦିନ ବିତିଗଲା । ଗୌରୀ ମଧ୍ୟ ଭଲ ପଢୁଥାଏ, କେବେକେବେ ତା ବାପା କାମ କରୁଥିବା ଫ୍ୟାକ୍ଟ୍ରିକୁ ବୁଲିବାକୁ ଯାଏ । ଫ୍ୟାକ୍ଟ୍ରିର ମାଲିକ ଜଣକ ଖୁବ୍ ଶ୍ରଦ୍ଧା କରନ୍ତି ଗୌରୀକୁ । ଗୌରୀର ବ୍ୟବହାର ଓ ସରଳତା ଦେଖି ତାକୁ ନିଜର ବୋହୂ କରିନେଲେ । ସତେଯେମିତି ହାତୀ ସୁନା କଳସ ଢାଳିବା ପରି ମନେହେଉଥିଲା ଗୌରୀକୁ । ବୋଧହୁଏ ସୁନିତା ବି ବିବାହ କରିସାରିଥିଲା । ତା' ସ୍ୱାମୀ ଭୁବନେଶ୍ୱରରେ କେଉଁଠି ଏକ ପ୍ରାଇଭେଟ୍ ଚାକିରି କରିଥିଲେ । ଘରଭଡ଼ା, ଇଲେକ୍ଟ୍ରି ବିଲ୍, ପାଣି ବିଲ୍, କ୍ଷୀରବାଲା, ପେପରବାଲା ଏସବୁ ଖର୍ଚ୍ଚ ସୁନିତାକୁ ବ୍ୟସ୍ତ କରିଦେଉଥିଲା । ଯଦିଓ ସେ ବଡ଼ଘରର ଝିଅ କିନ୍ତୁ ନିଜପସନ୍ଦରେ ବାହା ହୋଇଛି ଯେତେବେଳେ ବାପାଙ୍କୁ ସାହାଯ୍ୟ ମାଗିବା ସେ ଠିକ୍ ଭାବୁ ନ ଥିଲା । ସବୁବେଳେ ଅଭାବକୁ ନେଇ ଚିଡ଼ିଚିଡ଼ା ରହୁଥିଲା ।

ଦିନେ ଷ୍ଟେଶନ ପାଖାପାଖି ଗୋଟେ ହୋଲ୍‌ସେଲ ଦୋକାନରୁ ସୁନିତା କିଛି ଜିନିଷ କିଣୁଥାଏ । ସେଥିରେ ମଧ୍ୟ ଥାଏ ତା'ର ପ୍ରିୟ ଆମ୍ରୋ ବିସ୍କୁଟ । କିନ୍ତୁ ବିସ୍କୁଟ ପ୍ୟାକେଟ ଉପରେ ୨-୪ ଟଙ୍କା ଅଧିକା କହିଦେଲା ଦୋକାନୀ ତ ସୁନିତା ଖୁବ୍ ଯୁକ୍ତିତର୍କରେ ଝଗଡ଼ା କରିଚାଲିଲା ଦୋକାନୀଙ୍କ ସହ । 'ମୁଁ ପିଲାଟି ଦିନରୁ ଆମ୍ରୋ ବିସ୍କୁଟ ଖାଇଆସିଛି । ବିସ୍କୁଟ କିଣି କିଣି ମୋ ହାତ ଆଉ ହାତ ହୋଇ ନାହିଁ । ମୋତେ ଅଧିକ ରେଟ୍ କହି ଠକିପାରିବନି ।'' ରାଗରେ ତମତମ ହୋଇ ଦୋକାନ ବାହାରକୁ ବାହାରିଗଲା ସୁନିତା । ସେତିକିବେଳେ ଗୌରୀ ତା' ସ୍ୱାମୀ ସହ ଦୋକାନ ଭିତରକୁ ପ୍ରବେଶ କରୁଥାଏ । ସୁନିତାକୁ ଦେଖି ଟିକେ ଚିହ୍ନା ଚିହ୍ନା ଲାଗୁଛି ଭାବି ଅଟକିଗଲା । ଗୌରୀକୁ ଦେଖୁ ଦେଖୁ ଦୋକାନ ପିଲାଟି ହସି ହସି କହିଦେଲା, ''ଜାଣିଛନ୍ତି ମାଡାମ୍! କେଡ଼େ ଅଦ୍ଭୁତ ଏଇ ସ୍ତ୍ରୀ ଲୋକ । ଆମ୍ରୋ ବିସ୍କୁଟରେ ଯାହା ରେଟ୍ ଅଛି ଆମେ ତ ସେହି ଦାମ୍‌ରେ ବିକିବୁନା ! ତାଙ୍କ ପାଇଁ କେମିତି ରେଟ୍ କାଟିବୁ କହିଲେ ? ମନାକଲାରୁ ରାଗିକି ତମତମ ହୋଇ ଚାଲିଗଲେ । ଗୌରୀ ଆମ୍ରୋ ବିସ୍କୁଟ୍‌ର ବଡ଼ ପେଟିଟିଏ ଦେଇ ଦୋକାନ ପିଲାଟିକୁ ପଠାଇଲା ସୁନିତାକୁ ଦେଇଦେବାକୁ । ଦୋକାନ ପିଲାଟି ଆଶ୍ଚର୍ଯ୍ୟ ହୋଇ ଗୌରୀକୁ ଚାହିଁଥାଏ । ସୁନିତା ରିକ୍‌ସାରେ ବସିବା ପୂର୍ବରୁ ଦୋକାନ ପିଲାଟି ଦୌଡ଼ିଯାଇ ବିସ୍କୁଟ ପେଟିଟିକୁ ଧରାଇଦେଲା । ''ଆମ ମାଡାମ୍ ଦେଇଛନ୍ତି । ଆଜି ଆମ ସାର୍‌ଙ୍କ ଜନ୍ମଦିନ । ସାର୍ ବିସ୍କୁଟ ଫ୍ୟାକ୍ଟ୍ରିର ମାଲିକ । ତେଣୁ ଆଜି ସବୁ କଷ୍ଟମରଙ୍କୁ ମାଡାମ୍ ଗୋଟିଏ ଲେଖାଏଁ ବିସ୍କୁଟ ପେଟି ଫ୍ରିରେ ଦେଉଛନ୍ତି'' କହି ଫେରିଆସିଲା ପିଲାଟି । ସୁନିତା ଏତେବଡ଼ ପେଟି ଦେଖି ଖୁସି ହୋଇଗଲା, ଭାବିଲା ମାଡାମ୍‌ଙ୍କୁ ଧନ୍ୟବାଦ ଜଣାଇବାଟା ଠିକ୍ ହେବ । ତେଣୁ ସେ ରିକ୍‌ସାରେ ବିସ୍କୁଟ ପେଟିଟି ରଖି ହୋଲସେଲ୍ ଦୋକାନକୁ ଫେରି ''ଧନ୍ୟବାଦ ମାଡାମ୍'' କହିଲାବେଳକୁ ଗୌରୀ ସୁନିତାକୁ କୁଣ୍ଢାଇ ପକାଇଲା । ସୁନିତା ହଠାତ୍ ଆଶ୍ଚର୍ଯ୍ୟ ହୋଇ ପରସ୍ପରକୁ ଚାହାଁଚୁହିଁ ହେବା ଭିତରେ ଚିହ୍ନିପାରିଲା । ସେ ମାଡାମ୍ ଜଣକ ଆଉ କେହି ନୁହେଁ, ତା'ର ପିଲାଦିନର ସାଙ୍ଗ ଗୌରୀ, ଯାହାକୁ ସେ ଆମ୍ରୋ ବିସ୍କୁଟ ଦେଇ ସବୁତକ ହୋମ୍‌ୱାର୍କ କରାଉଥିଲା ଓ ବିସ୍କୁଟ ଚୋରି କରିଛି ବୋଲି ଅଭିଯୋଗ କରି ସ୍କୁଲରୁ ବାହାର କରିଦେଇଥିଲା ।

ସୁନିତା ମୁହଁ ଉଠାଇ ଚାହିଁପାରୁ ନ ଥାଏ ଗୌରୀକୁ । ଗୌରୀ ହସି ହସି ଧନ୍ୟବାଦ ଦେଇ କହିଲା, 'ସୁନିତା ! ମୁଁ ତୋ ପାଖରେ ଚିରଋଣୀ । ତୁ ସେଦିନ ମୋତେ ସ୍କୁଲ୍‌ରୁ ବାହାର କରାଇ ନ ଥିଲେ ମୁଁ ଆଜି ଏଇଠି ପହଞ୍ଚି ପାରି ନ ଥାନ୍ତି କିମ୍ବା ମୋ ବାପା କାମ କରୁଥିବା ବିସ୍କୁଟ ଫ୍ୟାକ୍ଟ୍ରିର ମାଲିକଙ୍କ ଘରର ବୋହୂ ହୋଇପାରି ନ ଥାନ୍ତି । ଆଜି ମୁଁ ତୋ ପାଖରେ ଋଣୀ ସାଙ୍ଗ ।' ସୁନିତା ଲୁହ ଛଳଛଳ ଆଖିରେ ପଶ୍ଚାତ୍ତାପର ସହିତ ଆମ୍ରୋ ବିସ୍କୁଟ ପେଟିଟିକୁ ଧରି ଘରକୁ ଫେରିଲା । କିନ୍ତୁ ଗୌରୀକୁ ପିଲାଦିନେ ଦେଇଥିବା ଅପମାନ ଭୁଲି ପାରୁ ନ ଥିଲା ।

*–ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର*

## ଅଳ୍ପ କବିତା

**–ପବିତ୍ର ବ୍ରହ୍ମପୁତ୍ର ନାୟକ**

ଗୋଟିଏ ହୃଦୟହୀନ ମଣିଷ
ବୁଝିପାରେନା ପ୍ରେମର ମୂଲ ।
ପ୍ରେମ ତ ସିଏ କରେ,
ଯାହାର ହୃଦୟ ଥାଏ ।

*–ରାଜନଗର, କେନ୍ଦ୍ରାପଡା*

## ଆଖି ଓ ଲୁହ

**– ଶିବରାମ ମହାପାତ୍ର**

ଆଖିସାରା ତମାମ ଲୁହ
ସୀମା ସରହଦ ଡେଇଁ ଓଠକୁ ଛୁଇଁଲେଣି
ରାତିସାରା ସ୍ୱପ୍ନ ସବୁକୁ ଚୂର୍‌ମାର୍ କଲେଣି
ହେଲେ, ତୁମ ହାତର ସେ ଲାଲ୍ ଗୋଲାପ
କ'ଣ ଠିକଣା ପାସୋରି ଫେରିଆସିବ–
ମୋ ଟୁକୁରା ଟୁକୁରା ଚିଠିକୁ ପୁଣି ଯୋଡ଼ିବାକୁ
ତୁମ ଘୃଣା, ଛଳନା ଓ ପ୍ରତାରଣାର ପ୍ରାଚୀର
ଭାଙ୍ଗି ! !

*– ମହିତମା, ନୟାଗଡ଼*

–ବ୍ୟଙ୍ଗ କବିତା–

## ପାରୁନି ତ ଛାଡ଼ି

**–ଡ. କୁଳାଙ୍ଗାର**

ଯେଉଁଦିନଠୁ ମୁଁ ତମକୁ ଦେଖିଚି ଭୁଲି ମୁଁ ପାରୁନି ଜମା,
ଟ୍ରକ ପଛରେ ପାର୍କ ଗଛରେ ଦିଶ ତମେ ପ୍ରିୟତମା ।

ଆଳୁଚପ୍‌ରେ ଗାଲଦିଶେ ତୁମ ମାଂସ ପକୋଡାରେ ଓଠ,
ବହିର ପୃଷ୍ଠାରେ ତମକୁ ଦେଖିଲି ପଢି ପାରିଲିନି ପାଠ ।

ହଷ୍ଟେଲ ଛାତରେ ତମେ ଲଟକିଛ ମଟମଟ କରି ଚାହିଁ,
ଚକ୍ଷୁ ପରଦାରେ ତମକୁ ଦେଖି ମୁଁ ରାତିରେ ପାରୁନି ଶୋଇ ।

ଉଡାଜାହାଜରେ ତମକୁ ଦେଖିଲି ଫୁସ୍ କରି ଗଲ ଉଡି ;
ବୋତଲ ଭିତରେ ତମକୁ ଦେଖିଲି ପାରୁନାହିଁ ତେଣୁ ଛାଡି ।

*ମାର୍ଫତ– ଗାନ୍ଧୀ ପଣ୍ଡା, କଳାଘର–ଲେମ୍ପୋ, –ଅଳରା, ନରସିଂହପୁର, କଟକ*



ସାରା-ବରୁଣ

# ବରୁଣଙ୍କ ପ୍ରଶଂସାରେ ସାରା

କେବଳ ବରୁଣ ଧାୱନ ନୁହନ୍ତି, ସାରା ଅଲ୍ଲୀ ଖାଁ ମଧ୍ୟ ଜଣେ ଷ୍ଟାର୍ କିଡ୍। ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁତ୍ର ହେଲେ ବରୁଣ ଏବଂ ଅଭିନେତା ସୈଫଙ୍କ କନ୍ୟା ହେଉଛନ୍ତି ସାରା। କଥା କ'ଣ କି, ଏହି ଯୋଡ଼ି ପ୍ରଥମ ଥର ପାଇଁ ସ୍କ୍ରିନ୍ ଶେୟାର କରିବାକୁ ଯାଉଛନ୍ତି। ଫିଲ୍ମଟି ହେଲା 'କୁଲି ନମ୍ବର ୱାନ୍'। ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ ତଥା ଗୋବିନ୍ଦା ଏବଂ କରିସ୍ମା କପୁରଙ୍କ ଅଭିନୀତ ଏହି ଫିଲ୍ମ ସେ ସମୟରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏବେ ଡେଭିଡ୍ ଏହାର ରିମେକ୍ କରୁଛନ୍ତି। ନିକଟରେ ଏହାର ପ୍ରଥମ ପର୍ଯ୍ୟାୟ ଶୁଟିଂ ଆରମ୍ଭ ହୋଇଯାଇଛି। ଶୁଟିଂ ସେଟ୍‌ରେ ଥରେ ସାରାଙ୍କ ମୁହଁରେ ବରୁଣଙ୍କ ପ୍ରଶଂସା ଶୁଣିବାକୁ ମିଳିଥିଲା। 'ମୁଁ ପ୍ରଥମ ଥର ପାଇଁ ବରୁଣଙ୍କ ସହ ଅଭିନୟ କରୁଛି। ପୁଣି ଡେଭିଡ୍ ଏହାର ନିର୍ଦ୍ଦେଶନା ଦେଉଛନ୍ତି। ତେଣୁ ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ରହିଛି। ଅନ୍ୟପକ୍ଷରେ ବରୁଣ ଜଣେ ଭଲ ଅଭିନେତା। ତାଙ୍କ ସହ କାମ କରିବାର ମଜା ନିଆରା'। ଭବିଷ୍ୟତରେ ଯଦି ତାଙ୍କର ନାୟିକା ଭୂମିକାରେ ଅଭିନୟ କରିବାକୁ ମୋତେ ଅଫର ଦିଆଯାଏ, ତେବେ ମୁଁ କଦାପି ମନା କରିବି ନାହିଁ ବୋଲି କହିଛନ୍ତି ସାରା। ନିକଟରେ ଏହି ଫିଲ୍ମର ପ୍ରଥମ ପୋଷ୍ଟର ରିଲିଜ୍ ହୋଇଛି। ଫିଲ୍ମଟି ଆସନ୍ତା ବର୍ଷ ମେ'୧ରେ ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ସୂଚନା ଦେଇଛନ୍ତି ଡେଭିଡ୍।

# ଜ୍ୟାକଲିନ୍‌ଙ୍କ ମର୍ଡର ଯୋଜନା

ଜ୍ୟାକଲିନ୍ ଫର୍ନାଣ୍ଡିସ୍ ଏବେ କିପରି ମର୍ଡର କରିବେ ସେନେଇ ଯୋଜନା ପ୍ରସ୍ତୁତ କରୁଛନ୍ତି। ଯେମିତି ହେଲେ ଏଥିରେ ତାଙ୍କୁ ସଫଳତା ହାସଲ କରିବାକୁ ପଡିବ। ନ ହେଲେ ସବୁକିଛି ଗଡ଼ବଡ଼ ହୋଇଯିବ। ତେଣୁ ସେନେଇ ନିଜକୁ ମଧ୍ୟ ମାନସିକସ୍ତରରେ ପ୍ରସ୍ତୁତ କରିସାରିଲେଣି। ଏପରି କଥା ଜାଣିବା ପରେ ଅନେକେ ହୁଏତ ଚମକି ପଡିଥିବେ। କଥାଟି ନିଶ୍ଚୟ ସତ, ହେଲେ ଏହାର ସଂଯୋଗ ରହିଛି ଜ୍ୟାକଲିନ୍‌ଙ୍କ ଅଭିନୟ ଜୀବନରେ। କଥା କ'ଣ କି, ସେ ଏବେ 'ମିସେସ୍ ସିରିଏଲ କିଲର' ଶୀର୍ଷକ ହିନ୍ଦୀ ସିନେମାରେ ଅଭିନୟ କରୁଛନ୍ତି। କାହାଣୀ ଅନୁସାରେ, ତାଙ୍କ ସ୍ୱାମୀଙ୍କୁ ସିରିଏଲ କିଲର ଭାବେ ଫସାଇ ଗିରଫ କରାଯାଇଛି। ହେଲେ ସେ ନିଜେ ସିରିଏଲ କିଲର ଭାବେ ଅଭିନୟ କରି ସ୍ୱାମୀଙ୍କୁ ନିର୍ଦ୍ଦୋଷ ପ୍ରମାଣିତ କରିବାକୁ ଚେଷ୍ଟା କରୁଛନ୍ତି। ଏ ବିଷୟରେ ସେ କହନ୍ତି, 'ପ୍ରଯୋଜିକା ଫରହା ଖାଁ ଏବଂ ନିର୍ଦ୍ଦେଶକ ଶିରିଶ କୁନ୍ଦର ମୋତେ ମୋ ଭୂମିକା ବିଷୟରେ ଯେତେବେଳେ କହିଲେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଫିଲ୍ମଟି ପାଇଁ ବହୁତ ପରିଶ୍ରମ କରିଛି। ଆଶା ରଖିଛି ଦର୍ଶକେ ମୋ ପରିଶ୍ରମର ମୂଲ୍ୟ ବୁଝିବେ।' ଏହାବ୍ୟତୀତ ଜ୍ୟାକଲିନ୍ ବର୍ତ୍ତମାନ ସୁଶାନ୍ତ ସିଂ ରାଜପୁତଙ୍କ ସହ 'ଡ୍ରାଇଭ୍' ଏବଂ ସଲମାନ ଅଭିନୟ କରିବାକୁ ଯାଉଥିବା 'କିକ୍-୨'ରେ ଅଭିନୟ କରୁଛନ୍ତି।



ଜ୍ୟାକଲିନ୍

# ଏଥର ବାୟୋପିକ୍

ନାୟକ ଅରିନ୍ଦମ୍‌ଙ୍କର ଖୁସି କହିଲେ ନ ସରେ। କାରଣ ନିଜ ଓଲିଉଡ୍ କ୍ୟାରିୟରରେ ସେ ପ୍ରଥମଥର ପାଇଁ ଏକ ବାୟୋପିକ୍‌ରେ ଅଭିନୟ କରୁଛନ୍ତି। ଏହି ଓଡ଼ିଆ ସିନେମାର ଟାଇଟଲ ରହିଛି 'ବାବୁ ଭାଇଜାନ୍'। ଏହାର ଟାଇଟଲ ଭୂମିକାରେ ଦେଖାଦେବେ ଅରିନ୍ଦମ୍। ଫିଲ୍ମଟିର ଶୁଟିଂ ଏବେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଏକ ସତ୍ୟ ଘଟଣା ତଥା ଜଣେ ବିଜ୍‌ନେସ୍‌ମ୍ୟାନଙ୍କ ଜୀବନୀ ଉପରେ ଏହା ଆଧାରିତ, ଆମ ରାଜ୍ୟ ବାଲେଶ୍ୱର ଜିଲାର ଜଣେ ଯୁବକ ବାବୁ। ସେ କିପରି ନିଜ ଉଦ୍ୟମ ବଳରେ ଆଜି ନିଜକୁ କେବଳ ଜାତୀୟ ନୁହେଁ, ଅନ୍ତର୍ଜାତୀୟସ୍ତରରେ ନିଜକୁ ଜଣେ ସଫଳ ଗାର୍ମେଣ୍ଟ ବିଜ୍‌ନେସ୍‌ମ୍ୟାନ୍ ଭାବେ ପରିଚିତ କରାଇପାରିଛନ୍ତି, ତାହା ସିନେମାରେ ଦେଖିବାକୁ ମିଳିବ। ଏହା ଭିତରେ ଲୁଚିରହିଛି ସେହି ପିଲାର ଅନେକ ରୋମାଞ୍ଚକର କଥା। ଯେଉଁ ହାତରେ ସେ ଅ ଆ ଲେଖିବା କଥା ସେହି ହାତରେ କପଡ଼ା କଇଞ୍ଚି ଧରି କାମରେ ଲାଗିପଡ଼ିଥିଲା। ଗରିବ ଘରେ ଜନ୍ମ, ହେଲେ ମନରେ ଆଶା ଅସୁମାରୀ। ତାହାକୁ ପୁଞ୍ଜିକରି ସେ ଚାଲିଯାଇଥିଲା ଦିଲ୍ଲୀ। ଆଉ ତା'ପରେ ସେ କିପରି ନିଜକୁ ଜଣେ ବିଜ୍‌ନେସ୍‌ମ୍ୟାନ ଭାବେ ପରିଚିତ କରାଇପାରିଛି ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଖ୍ୱାଜା ଗରିବ୍ ନୱାଜ ପ୍ରଡକ୍ସନ ବ୍ୟାନର୍‌ରେ ଫିଲ୍ମଟିର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା ସହ ପ୍ରଯୋଜନା ଭାର ତୁଲାଉଛନ୍ତି ଆଗଧାଡିର ନାଟ୍ୟକାର ସନ୍ତୋଷ ନାରାୟଣ ଦାସ। ତାପସ ସରଘରିଆ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଏବଂ ଅରୁଣ ମନ୍ତ୍ରୀ, ପଞ୍ଚାନନ ନାୟକ, ନିର୍ମଳ ନାୟକ ଏବଂ ଦେବୀଦତ୍ତ ମହାନ୍ତିଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ମଳୟ ମିଶ୍ର। ଏଥିରେ ଅରିନ୍ଦମ୍‌ଙ୍କ ଅପୋଜିଟ୍‌ରେ ଅଛନ୍ତି ଚୁଲ୍‌ବୁଲି ଶୀବାନୀ। ଏହି ଯୋଡି ବ୍ୟତୀତ ମିହିର ଦାସ, ଶ୍ରୀତମ ଦାସ, ବବି ମିଶ୍ର, ମନୋଜ ମିଶ୍ର, ଚୌଧୁରୀ ବିକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ବିଦ୍ୟୁସ୍ମିତା, ପୁଷ୍ପା ପଣ୍ଡା, ସୋମା ହୋତା, ସନ୍ତୋଷ ନାରାୟଣ ଏବଂ ତାପସ ସରଘରିଆ ଅଭିନୟ କରୁଛନ୍ତି। ଚଳିତବର୍ଷ ଦଶହରା ଅବସରରେ ଫିଲ୍ମଟି ପରଦା ଉପରକୁ ଆସିବାର ଯୋଜନା ରହିଛି।



ଅରିନ୍ଦମ୍

# ଚତୁର ଟାଇଗର

ଯାହା କହନ୍ତୁ ନା କାହିଁକି ଟାଇଗର ଶ୍ରଫ୍‌ଙ୍କ ବୁଦ୍ଧିକୁ ମାନିବାକୁ ପଡ଼ିବ। କେତେବେଳେ କେମିତି କଥା କହିଲେ କୌଣସି ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପକାଇ ହେବ, ତାହାର କାଇଦା ତାଙ୍କୁ ମାଲୁମ। ଦେଖୁନାହାନ୍ତି, ଦିଶା ପଟାନିଙ୍କ ସହ ନିଜ ପ୍ରେମ ସମ୍ପର୍କକୁ ସେ କେମିତି ଏଡ଼ାଇ ଦେଉଛନ୍ତି। ଏ କଥା ପଚାରିଲେ ସେ କହୁଛନ୍ତି ଯେ, 'ମେରି ଔକାତ୍ ନେହିଁ ହୈ।' ଏ କଥା ଶୁଣିବା ପରେ ସେହି ଆଲୋଚନା ଆଗକୁ ଆଗେଇବା ସମ୍ଭବ ହେଉନାହିଁ। ନିକଟରେ ଏ କ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଏଭଳି ପ୍ରଶ୍ନର ସମ୍ମୁଖୀନ ହୋଇଥିଲେ। ହେଲେ ବେଶ୍ ଚତୁରତାର ସହ ସେ ଏହାର ଉତ୍ତର ଦେଇଥିଲେ। ତାକୁ ଶୁଣିବା ପରେ ଯେକେହି ବିଶ୍ୱାସ କରିବ ଯେ, ଦିଶା ଏବଂ ଟାଇଗରଙ୍କ ଭିତରେ ଆଦୌ ପ୍ରେମସମ୍ପର୍କ ନାହିଁ। ତେବେ ହାଟରେ ପଡ଼ି ବାଟରେ ଗଡୁଥିବା ଦୁହିଙ୍କ ପ୍ରେମସମ୍ପର୍କକୁ ନେଇ ଟାଇଗର ଜୋକ୍ କରୁନାହାନ୍ତି ତ!



ଟାଇଗର

# ଅଡୁଆ କରୁଛି ପାରିଶ୍ରମିକ

ସ୍ୱରା ଭାସ୍କର ଏବେ କ'ଣ କରିବେ କିଛି ଜାଣିପାରୁନାହାନ୍ତି। କଥାଟି ତ ପାଟିରୁ ସ୍ଲିପ୍ କରିଯାଇଛି। ତାକୁ ବା ହଠାତ୍ ବଦଳାଇଦେବେ କିପରି? ନିକଟରେ ତାଙ୍କୁ ଜଣେ ପ୍ରଯୋଜକ ନିଜ ସିନେମା ପାଇଁ ସାଇନ୍ କରିବାକୁ ଚାହିଁଲେ। କାହାଣୀ ଏବଂ ଭୂମିକା ବିଷୟରେ ଆଲୋଚନା ଶେଷହେବା ପରେ ଯେତେବେଳେ ପାରିଶ୍ରମିକ କଥା ପଡ଼ିଲା, ସେତେବେଳେ ସ୍ୱରା ଯାହା କହିଲେ ତାହା ଶୁଣି ପ୍ରଯୋଜକଙ୍କ ଆଖି ଖୋସି ହୋଇଯାଇଥିଲା। ସେ ଉପାୟଶୂନ୍ୟ ହୋଇ ଖାଲିହାତରେ ଫେରିଥିଲେ। ସେହି ପାରିଶ୍ରମିକ ପାଇଁ ଏବେ ସ୍ୱରାଙ୍କ ହାତରୁ ୩-୪ଟି ଅଫର ଖସିଯାଇଛି। ହେଲେ ଫିଲ୍ମଗୁଡ଼ିକ ହାତଛଡ଼ା ହେବାର ପ୍ରକୃତ କାରଣ ପାରିଶ୍ରମିକ ନୁହେଁ ବୋଲି ସଫେଇ ଦେଇଛନ୍ତି ସ୍ୱରା।



ସ୍ୱରା ଭାସ୍କର

ପ୍ରଥମ ରୋଜଗାର



ଓଡ଼ିଶା ବିଧାନସଭାର ସଚିବ ତଥା କବି, ପ୍ରାବନ୍ଧିକ **ଦାଶରଥି ଶତପଥୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଦରମାରେ ମା’ଙ୍କ ପାଇଁ ଶାଢ଼ି କିଣିଥିଲି

ଜଗତ୍‌ସିଂହପୁର ଜିଲା ମାଛଗାଁ ଗ୍ରାମପଞ୍ଚାୟତ ଅଧୀନ ସୁକିନ୍ଦା ଗାଁରେ ମୋର ଜନ୍ମ। ଓଟିନ୍ଦା ଉଚ୍ଚ ବିଦ୍ୟାଳୟରୁ ୧୯୭୭ ମସିହାରେ ଏକାଦଶ ପାସ୍ କରିବା ପରେ ସ୍ୱାମୀ ବିବେକାନନ୍ଦ ମେମୋରିଆଲ୍ କଲେଜରେ ଆଇ.ଏସ୍‌ସି ଓ ପରେ ଇକୋନୋମିକ୍ସ ଅନର୍ସ ରଖି ଗ୍ରାଜୁଏଶନ୍ ସମାପ୍ତ କରିଥିଲି। ତା’ପରେ ପୁରୀ ଏସ୍‌ସିଏସ୍ କଲେଜରେ ଇଂଲିଶରେ ପିଜି କରିବା ପରେ କଟକ ମଧୁସୂଦନ ଲ’କଲେଜରେ ଏଲ୍‌ଏଲ୍‌ବି ପଢ଼ିଲି। ତା’ ସହିତ ସ୍କୁଲ୍ ପଢ଼ାବେକୁ ଓଡ଼ିଶା ପ୍ରଶାସନିକ ସେବା ଏବଂ ଭାରତୀୟ ପ୍ରଶାସନିକ ସେବାରେ ଚାକିରି କରିବାକୁ ଇଚ୍ଛା ରଖି ଘରେ ନିଜସ୍ୱ ଚେଷ୍ଟାରେ ପଢ଼ାପଢ଼ି ବି କରୁଥିଲି। ସେହିପରି ଛାତ୍ର ଜୀବନରୁ ବକ୍ତୃତା, ପ୍ରବନ୍ଧ ଇତ୍ୟାଦି ପ୍ରତିଯୋଗିତାରେ ଭାଗନେଇ ଅନେକ ସମ୍ମାନ ଓ ପୁରସ୍କାର ମଧ୍ୟ ପାଇଥିଲି। ତନ୍ମଧ୍ୟରୁ ଗୋପବନ୍ଧୁ ଜୟନ୍ତୀ ଅବସରରେ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ୧୯୭୭ ମସିହାରେ ଜିଲାସ୍ତରରେ ପ୍ରଥମ ହେବା ଏବଂ ୧୯୮୧ରେ କଲେଜ ତରଫରୁ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ଓଡ଼ିଶାରେ ଶ୍ରେଷ୍ଠ ବକ୍ତା ଭାବେ ସମ୍ମାନିତ ହେବା ଥିଲା ଅନ୍ୟତମ। ତେବେ ସେ ଯାହା ହେଉ, ପାଠପଢ଼ା ସରିଲା ବେଳକୁ ମୁଁ ଓଏଏସ୍ ପାଇଗଲି। ୧୯୮୭ ମାର୍ଚ୍ଚ ୨ ତାରିଖରେ କେନ୍ଦୁଝର ଜିଲା କାର୍ଯ୍ୟାଳୟରେ ଟ୍ରେନିଂ ରିଜର୍ଭ ଅଫିସର ଭାବେ ମୋର ପ୍ରଥମ ପୋଷ୍ଟିଂ ହେଲା। ମୂଳ ଦରମା ଓ ମହଙ୍ଗା ଭତ୍ତା ମିଶି ପ୍ରାୟ ୧୯୫୦ ଟଙ୍କା ଦରମା ମୋତେ ମିଳିଥିଲା। ପ୍ରଥମ ଦରମାରେ ମୋ ମା’ଙ୍କ ପାଇଁ ଶାଢ଼ି, ଗ୍ରାମଦେବତୀ ମାତା ପାର୍ବତୀଙ୍କ ପାଇଁ ଶାଢ଼ି, ଶଙ୍ଖା, ସିନ୍ଦୁର କିଣିକି ନେଇଥିଲି। ତା’ସହିତ ଗ୍ରାମଦେବତୀଙ୍କ ପାଖରେ ଭୋଗ ମଧ୍ୟ କରିଥିଲି। ବର୍ଷେ ପାଖାପାଖି ଏହି ପଦବୀରେ ରହିବା ପରେ ଢେଙ୍କାନାଳ ଜିଲାକୁ ନିଜାରତ୍ ଅଫିସର ହୋଇ ଗଲି। ପୁଣି ବର୍ଷେ ପରେ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ୍‌କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ମୋର ବଦଳି ହେଲା। ସେଠି ପାଖାପାଖି ୫ ବର୍ଷ ରହିଲି। ତା’ପରେ ଅତିରିକ୍ତ ତହସିଲଦାର ହୋଇ ତିର୍ତ୍ତୋଲ ଗଲି ଏବଂ ସେଠାରେ ଶାରଳା ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ମଧ୍ୟ ସମ୍ଭାଳିଲି। ବର୍ଷେ ପରେ ତହସିଲ୍‌ଦାର ହୋଇ କେନ୍ଦ୍ରାପଡା ଜିଲା ରାଜକନିକା ତହସିଲ୍‌କୁ ଗଲି ଆଉ ସେଠି ୫ବର୍ଷ ରହିଲି। ଏହାପରେ ବେଗୁନିଆକୁ ମୋର ବିଡିଓ ଭାବେ ବଦଳି ହେଲା। ପୁଣି ବର୍ଷେ ପରେ ଢେଙ୍କାନାଳକୁ ଜିଲା ଉନ୍ନୟନ ଅଧିକାରୀ ହୋଇ ଗଲି। ସେଠାରେ ମୋତେ ବିଭିନ୍ନ ଦେବାଳୟର ଉନ୍ନତିମୂଳକ କାମ କରିବାର ସୁଯୋଗ ମିଳିଲା। ଏଠି ବି ମାତ୍ର ବର୍ଷେ ରହିବା ପରେ ଗୃହ ଓ ନଗର ଉନ୍ନୟନ ବିଭାଗ, ତା’ପରେ ଅନୁସୂଚିତ ଜାତି ଓ ଜନଜାତି ଏବଂ ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ପଦପଦବୀରେ କିଛି କିଛି ବର୍ଷ କାମ କରିବାର ମଉକା ମିଳିଥିଲା। ଆଉ ତାରି ଭିତରେ ମୁଁ ଆଇଏଏସ୍ ପରୀକ୍ଷା ଦେଇ ପାସ୍ କରିସାରିଥାଏ। ତେଣୁ ମୋତେ ସୁବର୍ଣ୍ଣପୁରରେ ଜିଲାପାଳ ଭାବେ ଅବସ୍ଥାପିତ କରାଗଲା। ଏଠାରେ ତିନି ବର୍ଷ ମୁଁ କାମ କରିଥିଲି, ଆଉ ତା’ ଭିତରେ କୃଷି କ୍ଷେତ୍ରରେ ସୁବର୍ଣ୍ଣପୁର ଜିଲା ପ୍ରଥମ ପୁରସ୍କାର ଲାଭ କରିବା ସହ ଇନ୍‌ଫ୍ରାଷ୍ଟ୍ରକ୍‌ଚରରେ ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଅନ୍ୟପକ୍ଷେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ବାଲ୍ୟବିବାହ ରୋକିବା ତଥା ଜିଲାକୁ ବାହ୍ୟ ମଳମୁକ୍ତ ଜିଲାର ପରିଚୟ ଦେବା ପାଇଁ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା। ସୁବର୍ଣ୍ଣପୁର ପରେ ଉପକୂଳବର୍ତ୍ତୀ ସମ୍ବେଦନଶୀଳ ଜିଲା କେନ୍ଦ୍ରାପଡ଼ାରେ ମଧ୍ୟ ଜିଲାପାଳ ଭାବେ କିଛିଦିନ କାମ କରିଥିଲି। ଆଉ ଏବେ ମୁଁ ଓଡ଼ିଶା ବିଧାନସଭାରେ ସଚିବ ଭାବେ ଅବସ୍ଥାପିତ। ତେବେ ବାସ୍ତବରେ ଯେତେ ଯାହା କାର୍ଯ୍ୟକ୍ରମ କଲେ ବି ଲୋକଙ୍କର ମୌଳିକ ସମସ୍ୟାର ସମାଧାନ କରିବା ସହିତ ସବୁ ସମୟରେ ପ୍ରଶାସନକୁ କ୍ରିୟାଶୀଳ କରିବାକୁ ଚେଷ୍ଟା ମୋର ଜାରି ରହିଛି। ଅନ୍ୟପକ୍ଷେ ଫାଙ୍କା ସମୟରେ ପ୍ରକୃତି ଓ ପୁସ୍ତକକୁ ଜୀବନର ସଖା, ସହଚର ତଥା ବନ୍ଧୁ ଭାବେ ଗ୍ରହଣ ମଧ୍ୟ କରିନେଇଛି। ତେବେ ମୁଁ ଯେ କେବଳ ଜଣେ ପାଠକ ତାହା ନୁହେଁ, ସମୟ ମିଳିଲେ କବିତା, ପ୍ରବନ୍ଧ, ଲଳିତ ନିବନ୍ଧ ବି ଲେଖେ। ବିଶେଷକରି ଜଗନ୍ନାଥ ଦର୍ଶନ, ଜଗନ୍ନାଥ ତତ୍ତ୍ୱ, ପାତାଳି ଜଗନ୍ନାଥ ତଥା ଅନୁଭୂତିରେ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାର କରି ମୁଁ ଲେଖାମାନ ଲେଖିଥାଏ। ଯା’ ଭିତରେ ଅନେକ ଲେଖା ମୋର ବିଭିନ୍ନ ଖବରକାଗଜ ତଥା ପତ୍ରପତ୍ରିକାରେ ପ୍ରକାଶିତ ମଧ୍ୟ ହୋଇସାରିଲାଣି। ତନ୍ମଧ୍ୟରୁ ପ୍ରାୟ ୧୭ଟି ଓଡ଼ିଆ ଭାଷାର ପ୍ରବନ୍ଧ ଏବଂ ଗୋଟିଏ ଇଂଲିଶ ଭାଷାର ପ୍ରବନ୍ଧ ହେଉଛି ଅନ୍ୟତମ।

*–ଅମ୍ରିତା*

# ଚୋରା ପୀରତି ଥରୁଛି ଛାତି, ନିଦ ନାହିଁ ପାହି ଯାଉଛି ରାତି

**ପ୍ରଶ୍ନ–** ଚୋରା ପୀରତି କଲେ ତାହାର ମଜା ନିଆରା। ହେଲେ ତାହା କ୍ଷଣସ୍ଥାୟୀ କାହିଁକି ?

*–ସୁଜିତ ରାଉତ, ଜଗତ୍‌ସିଂହପୁର*

**ଉତ୍ତର :** ଚୋରା ପୀରତି ମରୀଚିକା ପରି। ଏହା ପଛରେ ଯେତେ ଗୋଡାଇଲେ ମନକୁ ଶାନ୍ତି ମିଳିପାରେ, ହେଲେ ଫଳ ଶୂନ। ଏହି ନିଶା ଘାରିଲେ, କେବଳ ଭାବନା ରାଇଜରେ ଘୁରି ଘୁରି ରଙ୍ଗିନ ସ୍ୱପ୍ନ ଦେଖିବା ସାର। ‘ଚୋରା ପୀରତି ଥରୁଛି ଛାତି, ନିଦ ନାହିଁ ପାହି ଯାଉଛି ରାତି।’ ହେଲେ କେତେବେଳେ ଏଭଳି ପ୍ରେମ ଉଡାଚଢ଼େଇ ପରି ଉଡିଯିବ ତାହା ଜାଣିପାରିବେ ନାହିଁ। ଏହାର ଭବିଷ୍ୟତକୁ ନେଇ ମନରେ ପ୍ରଶ୍ନର ଲମ୍ବା ଲାଇନ୍। ଏପରି ପ୍ରେମ କରିବା ନିଶା ମନରୁ ଯେତେଶୀଘ୍ର ଖସେଇଦେବେ ତାହା ସେତେ ଭଲ ହେବ।

**ପ୍ରଶ୍ନ–** ପ୍ରେମର ପ୍ରଥମ ପାହାଚରେ ଡର ଲାଗେ କାହିଁକି ?

*–ଗୋପୀନାଥ ସାହୁ, ବଡ଼ବିଲ, କେନ୍ଦୁଝର*

**ଉତ୍ତର :** ପ୍ରତିଟି ଜିନିଷର ପ୍ରଥମ ପାହାଚରେ ପାଦ ଦେଲେ ମନରେ ଶଙ୍କା ଜାତ ହେବା ସ୍ୱାଭାବିକ। ଯଦି ପ୍ରେମ କରିବାକୁ ପାଗ ଭିଡୁଛନ୍ତି, ତେବେ ପ୍ରଥମେ ମନରେ ସାହସ ଏକ୍ଜୁଟ କରନ୍ତୁ। ଯଦି ଆରମ୍ଭରୁ ଛାତି ଧଡ଼ଧଡ଼ ହୁଏ, ତେବେ ପାଦ ଆଗକୁ ପଡିବ କ’ଣ ଖାଲି ପଛକୁ ଚାହିଁବାକୁ ମନ ହେବ। ପ୍ରେମର ଆରମ୍ଭରେ ଯଦି ଏଭଳି ଅବସ୍ଥା ହୁଏ ତେବେ ଆପଣ ନିଜ ଲକ୍ଷ୍ୟପଥରେ ପହଞ୍ଚି ପାରିବେ ତ ? ତେଣୁ ସାହସର ସହ ଆଗାନ୍ତୁ, ନ ହେଲେ ଗୋଟିଏ ଜାଗାରେ ତ୍ରିଶଙ୍କୁ ପରି ଝୁଲି ରହିଥିବେ।

**ପ୍ରଶ୍ନ–** ଜଣେ ସୁନ୍ଦରୀ ମୋତେ ହସିଦେଇ ‘ଆଇ ଲଭ୍ ୟୁ’ କହିଲା। ହେଲେ ତାକୁ ପ୍ରେମ କରିବାକୁ ସାହସ ହେଉନାହିଁ। କ’ଣ କରିବି ?

*–ବିଜୟ କୁମାର, ଅନୁଗୋଳ*

**ଉତ୍ତର :** ଏମିତିକା ସୁଯୋଗ ଆପଣ କେମିତି ହାତଛଡା କରୁଛନ୍ତି କହିଲେ ? ଯାଚିଲା ଧନ କିଏ କ’ଣ ଛାଡେ ? ଯଦି ସେପଟରୁ ଆରମ୍ଭରୁ ଗ୍ରୀନ୍ ସିଗ୍ନାଲ ଅଛି ତେବେ ବେଳକାଳ ଦେଖି ବହି ଫିଟ୍ କରି ଦିଅନ୍ତୁ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା।

**ପ୍ରଶ୍ନ–** ମନପ୍ରାଣ ଦେଇ ଭଲ ପାଉଥିବା ପ୍ରେମିକା ଧୋକା ଦେଇଥାଆନ୍ତି କାହିଁକି ?

*–ବିଜୁ ସାହୁ, ଖଣ୍ଡାଏତା, କଟକ*

**ଉତ୍ତର :** ଏପରି ପ୍ରେମର ଆରମ୍ଭରୁ କିଛି ନା କିଛି ପ୍ରୋବ୍ଲେମ୍ ଥାଏ। କେବଳ ଆଇ ଲଭ୍ ୟୁ କହିଦେଲେ କି କାହାକୁ ଦେଖି ହସିଦେଲେ ପ୍ରେମ ହୋଇଯାଏନା। ପ୍ରେମ କରିବାକୁ ହେଲେ ମନ ପ୍ରଥମେ ନିର୍ମଳ ହେବା ଦରକାର। ମନରେ ଯଦି ପ୍ରେମକୁ ନେଇ ସବୁବେଳେ ନେଗେଟିଭ୍ ମାନସିକତା ରହିଲା, ତେବେ ଏହା ଭିତରେ କେତେବେଳେ ଧୋକା ପରି ମାରାତ୍ମକ ଭାଇରସ ଏଣ୍ଟ୍ରି କରିଯିବ, ତାହା ଜାଣିପାରିବେ ନାହିଁ।

**ପ୍ରଶ୍ନ–** ଅନେକେ କହନ୍ତି, ଆଜିକାଲିର ପ୍ରେମ ଟଙ୍କା ବିନା ଚାଲେନା। ବିନା ଟଙ୍କାରେ କ’ଣ ପ୍ରେମ ହୋଇପାରେନା ?

*–ସଂଗ୍ରାମ କେଶରୀ ସାହୁ, ନୟାଗଡ଼*

**ଉତ୍ତର :** ପ୍ରେମକୁ ଯଦି ଟଙ୍କା ନିକିତିରେ ତଉଲିବେ ତେବେ ତାହା କେବଳ ସ୍ୱାଦହୀନ ନୁହେଁ ମୂଲ୍ୟହୀନ ହୋଇଯିବ। ଦୁଇଟି ନିର୍ମଳ ମନର ମିଶ୍ରଣ ହେଲା ପ୍ରେମ। ମନ ଭିତରେ ଥରେ ଆଉ ଏକ ମନ ବନ୍ଦୀ ହୋଇଗଲେ ଆଉ ତାକୁ ଆଧାର କରି ଯଦି ବିଶ୍ୱାସ ଠିକ୍ ରହିଲା ତେବେ କିଛି ଅସୁବିଧା ନାହିଁ। ହେଲେ ଟଙ୍କା ରୂପକ ଇନ୍ଧନରେ ପ୍ରେମ ଗାଡି ଯେ ଲକ୍ଷ୍ୟପଥରେ ପହଞ୍ଚିବ ସେଭଳି ଧାରଣା ପ୍ରଥମେ ମନରୁ ବାହାର କରିଦିଅନ୍ତୁ।

ସାଥୀ



# ମହିଳା ଫଟୋଗ୍ରାଫର


ରଥିକା ରାମାସାମୀ


ହୋମି ଭାୟରାୱାଲା

**ହାତରେ କ୍ୟାମେରା ଧରି ଏହି ନାରୀମାନେ ବାହାରିଥିଲେ ସମାଜର ନିଚ୍ଛକ ବାସ୍ତବତା, ପ୍ରକୃତିର ସୌନ୍ଦର୍ଯ୍ୟ ଓ ସାମାଜିକ ଜୀବନର ବିଭିନ୍ନ ଘଟଣାବଳୀକୁ ନିଜ କ୍ୟାମେରାରେ ଆବଦ୍ଧ କରିବା ପାଇଁ, ଆଉ ପୁରୁଷପ୍ରଧାନ ଏହି କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ଛାପ ଛାଡିବା ପାଇଁ। ଶେଷରେ ସେମାନେ ସଫଳ ହୋଇଛନ୍ତି ଓ ସାଜିଛନ୍ତି ଅନ୍ୟ ମହିଳାଙ୍କ ପାଇଁ ଉଦାହରଣ...**

**ହୋମି ଭାୟରାୱାଲା–** ଭାରତର ପ୍ରଥମ ମହିଳା ଫଟୋଗ୍ରାଫର ହେଉଛନ୍ତି ହୋମି ଭାୟରାୱାଲା। ସେ ତାଙ୍କର ଛଦ୍ମନାମ 'ଡାଲଡା୧୩'ରେ ବେଶି ପରିଚିତ ଥିଲେ। ୩୦ଦଶକର ଶେଷବେଳକୁ ସେ ଫଟୋଗ୍ରାଫର ଭାବେ କାମ ଆରମ୍ଭ କରିଥିଲେ। ୧୯୭୦ରେ ଅବସର ନେଇଥିଲେ। ସେ ପଦ୍ମବିଭୂଷଣ ସମ୍ମାନରେ ବି ସମ୍ମାନିତ ହୋଇଥିଲେ। ପ୍ରଥମେ ସେ ମୁମ୍ବାଇର 'ଦି ଇଲୁଷ୍ଟ୍ରେଟେଡ ୱିକଲି ଅଫ୍ ଇଣ୍ଡିଆ' ପତ୍ରିକାରେ କାମ କରି ପ୍ରଶଂସିତ ହୋଇଥିଲେ। ପ୍ରାରମ୍ଭିକ ସମୟରେ ସେ ଉତ୍ତୋଳନ କରୁଥିବା ଫଟୋକୁ ତାଙ୍କ ସ୍ୱାମୀଙ୍କ ନାମରେ ପ୍ରକାଶ କରୁଥିଲେ। ଏମିତିକି ତାଙ୍କର ଅଧିକାଂଶ ଫଟୋ ଛଦ୍ମ ନାମରେ ପ୍ରକାଶ ପାଉଥିଲା। ଧୀରେ ଧୀରେ ତାଙ୍କ କାମ ଜାତୀୟ ସ୍ତରରେ ପ୍ରଶଂସିତ ହେଲା। ଆଉ ସେ ସାମ୍ନାକୁ ଆସିଲେ। ଭାୟରାୱାଲା ବହୁ ବଡ଼ ବଡ଼ ରାଜନେତା ଯେମିତିକି, ମହାତ୍ମା ଗାନ୍ଧୀ, ଇନ୍ଦିରା ଗାନ୍ଧୀ, ଜବାହରଲାଲ ନେହେରୁ, ମହମ୍ମଦ ଅଲ୍ଲୀ ଜିନାଙ୍କ ଫଟୋ ଉତ୍ତୋଳନ କରିଛନ୍ତି। ଗୁଗୁଲ ତାଙ୍କ ୧୦୪ତମ ଜନ୍ମଦିବସ ଅବସରରେ 'ଫାଷ୍ଟ ଲେଡି ଅଫ୍ ଦି ଲେନ୍ସ'ଭାବେ ଡୁଡଲ୍ କରି ସମ୍ମାନିତ କରିଥିଲା।

**ଦୟନିତା ସିଂ–** ୧୯୬୧ ମସିହାରେ ଦୟନିତାଙ୍କ ଜନ୍ମ। ତାଙ୍କ ଦ୍ୱାରା ଉତ୍ତୋଳିତ ଫଟୋରେ ଥାଏ ଅନେକ କାହାଣୀ। ସେ ବିଶେଷକରି ଫଟୋସବୁକୁ ପୁସ୍ତକ କରି ପ୍ରକାଶ କରନ୍ତି। ଏହାମଧ୍ୟରେ ସେ ୧୨ଟି ଫଟୋ ସଂକଳିତ ପୁସ୍ତକ ପ୍ରକାଶ କରିସାରିଛନ୍ତି। ସେହି ପୁସ୍ତକରେ ସେ ଫଟୋ ସହ ଜଡିତ ଘଟଣାବଳୀକୁ ବେଶ୍ ଜୀବନ୍ତଭାବେ ବର୍ଣ୍ଣନା କରିଥାଆନ୍ତି। ୨୦୦୮ରେ ସେ 'ପ୍ରିନ୍ସ କ୍ଲଜ୍' ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ହେଉଛନ୍ତି ପ୍ରଥମ ଭାରତୀୟ ଯେକି ଲଣ୍ଡନର ହେୱାର୍ଡ ଗ୍ୟାଲେରିରେ ସୋଲୋ ଶୋ' କରିବାର ସୁଯୋଗ ପାଇଥିଲେ।


ସୁନି ତାରାପୋରୱାଲା


ଦୟନିତା ସିଂ

**ପାମେଲା ବୋର୍ଡେସ୍–** ପାମେଲାଙ୍କ ଜନ୍ମ ୧୯୬୧ରେ। ସେ ପୂର୍ବତନ ମିସ୍ ଇଣ୍ଡିଆ ସହ ଜଣେ ପ୍ରସିଦ୍ଧ ଫଟୋଗ୍ରାଫର୍ ବି। ଫଟୋଗ୍ରାଫିରେ ଆଗ୍ରହ ଥିବାରୁ ସେ ଫଟୋ ଜର୍ନାଲିଜମ୍‌କୁ କ୍ୟାରିୟର୍‌ଭାବେ ଗ୍ରହଣ କରିଥିଲେ। ଦୀର୍ଘ ୨୦ ବର୍ଷ ସେ ଫଟୋଗ୍ରାଫି କରିଥିଲେ।

**ସୁନି ତାରାପୋରୱାଲା–** ୧୯୫୭ରେ ଜନ୍ମିତ ସୁନି ଏକାଧାରରେ ଜଣେ ସ୍କ୍ରିନ୍‌ରାଇଟର୍, ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଜଣେ ଚମତ୍କାର ଫଟୋଗ୍ରାଫର୍। ଫଟୋଗ୍ରାଫର ରଘୁବୀର ସିଂଙ୍କ ପରାମର୍ଶ କ୍ରମେ ସେ ତାଙ୍କ 'ପାର୍ସୀ କମ୍ୟୁନିଟି' ନାମକ ପୁସ୍ତକରେ କାମ କରିଥିଲେ। ପାର୍ସୀ ପରିବାର ଉପରେ ଉଠାଇଥିବା ଫଟୋସବୁ ସେଥିରେ ସ୍ଥାନିତ ହୋଇଥିଲା। ତାଙ୍କ ଫଟୋସବୁ ଆମେରିକା, ଫ୍ରାନ୍ସ, ବ୍ରିଟେନ୍ ଏମିତିକି ଲଣ୍ଡନର ଟାଟେ ମଡର୍ନ ଗ୍ୟାଲେରିରେ ପ୍ରଦର୍ଶିତ ହୋଇଛି। ତାଙ୍କର 'ଏ କଫି ଟେବୁଲ' ଫଟୋଗ୍ରାଫି ପୁସ୍ତକ ବହୁପ୍ରଶଂସିତ ହୋଇଥିଲା। ୨୦୧୪ରେ ସେ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ ହୋଇଥିଲେ।

**ରଥିକା ରାମାସାମୀ–** ରଥିକା ହେଉଛନ୍ତି ଜଣେ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର୍। ଚେନ୍ନାଇର ଛୋଟ ସହର ଭେଙ୍କଟାଚଲପୁରମ୍‌ରେ ତାଙ୍କ ଘର। ପ୍ରଥମେ ସଫ୍ଟୱେର ଇଞ୍ଜିନିୟର୍‌ଭାବେ କାମ କରୁଥିଲେ ରଥିକା। ଉପହାରସ୍ୱରୂପ ପାଇଥିବା ଏକ କ୍ୟାମେରା ତାଙ୍କ ଜୀବନ ବଦଳାଇ ଦେଇଥିଲା। ଆଉ ସେ ଫଟୋଗ୍ରାଫି ଆଡକୁ ଆକୃଷ୍ଟ ହୋଇଥିଲେ। ପକ୍ଷୀମାନଙ୍କ ଫଟୋ ଉଠାଇବାରେ ତାଙ୍କର ବେଶ୍ ରୁଚି ରହିଛି।

**ବସୁଧା ଚକ୍ରବର୍ତ୍ତୀ–** ବସୁଧା ହେଉଛନ୍ତି ଜଣେ ପ୍ରସିଦ୍ଧ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର୍। ସେ ନୀଳଗିରି ଜଙ୍ଗଲରେ ତିନିବର୍ଷ ରହି ପ୍ରକୃତିର ସୁନ୍ଦର ଦୃଶ୍ୟସବୁକୁ ନିଜ ଲେନ୍ସରେ ଆବଦ୍ଧ କରିଛନ୍ତି। ସେ କିଛି ସିନେମାଟୋଗ୍ରାଫରଙ୍କ ସହ ବି କାମ କରିଛନ୍ତି। ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରି ବସୁଧା ବନ୍ୟଜୀବଜନ୍ତୁଙ୍କ ଫଟୋ ଉତ୍ତୋଳନ କରିଥାଆନ୍ତି।

**ଅନୁଷ୍କା ମେନନ୍–** ଅନୁଷ୍କା ହେଉଛନ୍ତି ଦିଲ୍ଲୀର ଜଣେ ଯୁବ ପ୍ରତିଭାବାନ ଫ୍ୟାଶନ୍ ଫଟୋଗ୍ରାଫର୍। ତାଙ୍କ ଫ୍ୟାଶନ୍ ଫଟୋଗ୍ରାଫିରେ ପାରମ୍ପରିକତାର ଝଲକ ଦେଖିବାକୁ ମିଳିଥାଏ। ସେ ବହୁ ବଡ଼ ବଡ଼ ସେଲିବ୍ରିଟି ଯେମିତିକି– ଗାବ୍ରିଏଲ ରିଟ୍, ଶହରୁଖ ଖାଁ, ମ୍ୟୁଜିସିଆନ୍ ଅନୁଷ୍କା ଶଙ୍କର ଆଦିଙ୍କ ସହ କାମ କରିଛନ୍ତି। ସେହିଭଳି ରେନିକା କନ୍ଧାରୀ, ହର୍ସିନ ଜମ୍ବୁ, ସଂଯୁକ୍ତା ବାସୁ ଓ ନୈନା ରେଧୁ ବି ଫଟୋଗ୍ରାଫି କ୍ଷେତ୍ରରେ ନାଁ କମେଇଛନ୍ତି।


ଅନୁଷ୍କା ମେନନ୍


ହର୍ସିନ ଜମ୍ବୁ


ପାମେଲା ବୋର୍ଡେସ୍


ବସୁଧା ଚକ୍ରବର୍ତ୍ତୀ

# ମଡେଲ ମିରର୍

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧



**ଆଶୁତୋଷ**

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ରେଷ୍ଟୁରାଣ୍ଟ

ସ୍ତ୍ରୀ ସ୍ୱାମୀଙ୍କୁ- ନୂଆ ବାହାଘରବେଳେ ତମେ ମତେ ବହୁତ ଭଲ ପାଉଥିଲ। ପ୍ରାୟ ସବୁଦିନ ରେଷ୍ଟୁରାଣ୍ଟରେ ଖୁଆଉଥିଲ। ହେଲେ ଏବେ ତ ତମେ ଆଉ ଜମା ରେଷ୍ଟୁରାଣ୍ଟ ନେଉନ।

ସ୍ୱାମୀ- ଏବେ ତମେ ରୋଷେଇ ଶିଖିଗଲଣି। ଆଗରୁ ପୋଡ଼ାଜଳା ଖାଇବାଠାରୁ ବଞ୍ଚିବା ପାଇଁ ସିନା ରେଷ୍ଟୁରାଣ୍ଟ ନେବାକୁ ବାଧ ହେଉଥିଲି।

## ଲିକ୍

ପପୁ ହାତରେ ଏକ ବରଫ ରଖି ନିରିଖେଇ ଦେଖୁଥାଏ। ଏହା ଦେଖି ରାଜେଶ- ଆରେ କ'ଣ ଏତେ ମନଧ୍ୟାନ ଦେଇ ଦେଖୁଛୁ?

ପପୁ- ଦେଖୁଛି ପାଣି କୋଉଠୁ ଲିକ୍ ହେଉଛି।

## କ'ଣ କରିବୁ

ମିନା ଟିନାକୁ- ମତେ ସନ୍ଦେହ ହେଉଛି ତୋ ସ୍ୱାମୀ ଆଉ କୋଉ ଝିଅ ଚକ୍କରରେ ପଡ଼ିଗଲେଣି।

ଟିନା- ତୁ କେମିତି ଜାଣିଲୁ?

ମିନା- କାଲି ତାଙ୍କ ବାଇକ୍ ପଛରେ ଝିଅଟିଏ ବସିଥିବା ଦେଖିଲି।

ଟିନା- କ'ଣ?

ମିନା- ହଁ, ବା। ଏବେ ତୁ କ'ଣ କରିବୁ?

ଟିନା- କାଲିଠୁ ମୁଁ ମୋ ବୟଫ୍ରେଣ୍ଡକୁ ତାଙ୍କ ପଛରେ ଲଗେଇଦେବି।

# ଉଡୁପୀ ଶ୍ରୀକୃଷ୍ଣ ମଠ



**ଭଗବାନ ଶ୍ରୀକୃଷ୍ଣଙ୍କୁ ସମର୍ପିତ ଏକ ପ୍ରସିଦ୍ଧ ହିନ୍ଦୁ ମନ୍ଦିର ହେଉଛି ଉଡୁପୀ ଶ୍ରୀକୃଷ୍ଣ ମଠ (ମନ୍ଦିର)। ଏହା କର୍ଣାଟକର ଉଡୁପୀ ସହରରେ ଅବସ୍ଥିତ...**

କର୍ଣାଟକ ରାଜ୍ୟର ଉଡୁପୀ ସହରରେ ଭଗବାନ ଶ୍ରୀକୃଷ୍ଣଙ୍କୁ ସମର୍ପିତ ଏକ ପ୍ରସିଦ୍ଧ ହିନ୍ଦୁ ମନ୍ଦିର ରହିଛି, ଯାହାର ନାମ ହେଉଛି ଉଡୁପୀ ଶ୍ରୀକୃଷ୍ଣ ମଠ(ମନ୍ଦିର)। ଏହି ମଠର ପରିସର ଦେଖିବା ପାଇଁ ଏକ ଆଶ୍ରମ ସଦୃଶ। ଫଳରେ ଏଭଳି ଏକ ପବିତ୍ର ସ୍ଥଳରେ କିଛି ସମୟ ବସି ପ୍ରଭୁଙ୍କୁ ଉପାସନା କରିବାକୁ ଭକ୍ତଙ୍କର ଯା'ଆସ ଏଠାରେ ଲାଗି ରହିଥାଏ। ତା'ଛଡ଼ା ଶ୍ରୀକଷ୍ଣଙ୍କର ଏହି ପବିତ୍ର ମଠ ବ୍ୟତୀତ ଏଠାରେ ଆହୁରି ଅନେକ ପ୍ରାଚୀନ ମଠ, ମନ୍ଦିର ମଧ୍ୟ ଦେଖିବାକୁ ମିଳିଥାଏ। ତନ୍ମଧ୍ୟରୁ ପ୍ରାୟ ହଜାରେ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଉଡୁପୀ ଅନନ୍ତେଶ୍ୱର ମନ୍ଦିର ଅନ୍ୟତମ।

### ଇତିହାସ

ବୈଷ୍ଣବ ସନ୍ଥ ଜଗଦ୍‌ଗୁରୁ ଶ୍ରୀ ମାଧ୍ୱାଚାର୍ଯ୍ୟଙ୍କ ଦ୍ୱାରା ତ୍ରୟୋଦଶ ଶତାବ୍ଦୀ ସମୟରେ ଏହି ମନ୍ଦିରଟି ନିର୍ମିତ ହୋଇଥିଲା। କିମ୍ବଦନ୍ତୀରୁ ଯାହା ଜଣାଯାଏ, ଏକଦା ପ୍ରଭୁ ଶ୍ରୀକୃଷ୍ଣଙ୍କର ଜଣେ ପରମ ଭକ୍ତଙ୍କୁ କୌଣସି କାରଣ ପାଇଁ ମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ବାରଣ କରାଯାଇଥିଲା। ପ୍ରଭୁଙ୍କୁ ନ ଦେଖି ଭକ୍ତ ଜଣଙ୍କ ଦୁଃଖୀ ମନରେ ଭଗବାନଙ୍କୁ ସ୍ମରଣ କରିବାକୁ ଲାଗିଲେ। ଭକ୍ତିଭାବରେ ବନ୍ଧା ପ୍ରଭୁ ଶ୍ରୀକୃଷ୍ଣ ତାଙ୍କର ଏହି ପରମ ଭକ୍ତଙ୍କର ଗୁହାରିକୁ ଶୁଣି ତାଙ୍କୁ ନିଜର ସ୍ୱର୍ଗୀୟ ରୂପ ଦେଖାଇବା ପାଇଁ ମଠରେ ଥିବା ଝରକା ସଦୃଶ ଏକ କାନ୍ଥରେ ଛୋଟ ଛୋଟ ନଅଟି କଣା କରିଦେଲେ। ଆଶ୍ଚର୍ଯ୍ୟର ବିଷୟ ସେବେଠାରୁ ସେହି ନଅଟି କଣାଦେଇ ପ୍ରଭୁଙ୍କୁ ଏଠାରେ ଉପାସନା କରାଯାଉଛି। ଆଉ ସେହି ନଅଟି କଣାକୁ ନବଗ୍ରହଙ୍କ ସହ ତୁଳନା କରି ନବଗ୍ରହ କିଣ୍ଡି ନାମରେ ନାମିତ କରାଯାଇଛି।

### ମନ୍ଦିର ସମ୍ପର୍କରେ


ଉଡୁପୀ ଶ୍ରୀକୃଷ୍ଣ ମଠର ଧାର୍ମିକ ରୀତିନୀତି, ପରମ୍ପରା ତଥା ମହିମା ସମଗ୍ର ଭାରତ ବର୍ଷରେ ବେଶ୍ ପରିଚିତ। ସୂଚନାନୁଯାୟୀ, ଏହି ମଠ(ମନ୍ଦିର)ର ପରିଚାଳନା ତଥା ପ୍ରଭୁଙ୍କ ସେବାକାର୍ଯ୍ୟର ସମସ୍ତ ଦାୟିତ୍ୱ ଏଠାରେ ଥିବା ଅନ୍ୟ ଆଠଟି ମଠ (ମନ୍ଦିର)ଉପରେ ନ୍ୟସ୍ତ କରାଯାଇଛି। ସେହି ଆଠଟି ମଠ ହେଉଛି ପିଜାଭରା, ପୁଟ୍ଟିଗେ, ପଲିମାରୁ, ଅଡାମାରୁ, ସୋଢେ, କନିୟୁରୁ, ଶିରୁର ଏବଂ କ୍ରିଷ୍ଣାପୁରା। ପ୍ରତି ମଠ ଚକ୍ରିୟ କ୍ରମରେ ଦୁଇ ବର୍ଷ ଲେଖାଏଁ ଶ୍ରୀକୃଷ୍ଣ ମଠର ସମସ୍ତ ଦାୟିତ୍ୱ ସମ୍ପାଦନ କରିଥାନ୍ତି। ଆଉ ପ୍ରତି ମଠରେ ଜଣେ ଜଣେ ସ୍ୱାମୀଜୀ ରହି ଏହି ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇଥାନ୍ତି।

### ପର୍ବପର୍ବାଣି

ପ୍ରତି ଦୁଇ ବର୍ଷକୁ ଥରେ ଏଠାରେ ପାଳିତ ହେଉଥିବା ପର୍ଯ୍ୟାୟା ନାମକ ଉତ୍ସବ ସମୟରେ, ଉଡୁପୀ ଶ୍ରୀକୃଷ୍ଣ ମନ୍ଦିରର ପରିଚାଳନା ଦାୟିତ୍ୱକୁ ଗୋଟିଏ ମଠରୁ ଆଉ ଏକ ମଠକୁ ହସ୍ତାନ୍ତର କରାଯାଇଥାଏ। ଏହି ଉତ୍ସବ ଏଠାକାର ଏକ ପ୍ରମୁଖ ଉତ୍ସବ। ସେହିପରି ମକର ସଂକ୍ରାନ୍ତି, ରଥ ସପ୍ତମୀ, ମାଧବ ନବମୀ, ହନୁମାନ ଜୟନ୍ତୀ, ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ନବରାତ୍ର ମହୋତ୍ସବ, ବିଜୟା ଦଶମୀ, ନରକ ଚତୁଃଦର୍ଶୀ, ଦୀପାବଳି, ଗୀତା ଜୟନ୍ତୀ ଇତ୍ୟାଦିକୁ ମଧ୍ୟ ଏଠାରେ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ।

### କେବେ ଓ କେମିତି ଯିବେ

ବର୍ଷର ଯେତେବେଳେ ଚାହିଁବେ, ସେତେବେଳେ ଏହି ମନ୍ଦିରକୁ ବୁଲିବାକୁ ଯାଇପାରିବେ। ତେବେ ବିଶେଷ ପର୍ବପର୍ବାଣି ସମୟରେ ଏଠାକୁ ଗଲେ, ଭଗବାନଙ୍କର ଅନେକ ନିଆରା ରୀତିନୀତି ଦେଖିବା ସହ ପ୍ରସାଦ ସେବନ କରିବାର ସୁଯୋଗ ମିଳିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ବେଶ୍ ଭଲ ବ୍ୟବସ୍ଥା ରହିଛି। ଉଡୁପୀ ରେଲୱେ ଷ୍ଟେଶନ ହେଉଛି ଏହାର ନିକଟତମ ରେଳଷ୍ଟେଶନ। ସେଠାରୁ ଟ୍ୟାକ୍ସି ସାହାଯ୍ୟରେ ମନ୍ଦିର ନିକଟକୁ ଯାଇହେବ। ଅନ୍ୟପକ୍ଷେ ମାଙ୍ଗାଲୋର୍ ଇଣ୍ଟର ନ୍ୟାଶନାଲ୍ ଏୟାର୍‌ପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ।







# ଉଡ଼ି ଉଡ଼ି ପାର ହେଲେ ଇଂଲିଶ ଚ୍ୟାନେଲ୍



ଆଟଲାଣ୍ଟିକ ମହାସାଗରର ଏକ ଶାଖା ହେଉଛି ଇଂଲିଶ ଚ୍ୟାନେଲ୍। ଏହା ଦକ୍ଷିଣ ଇଂଲଣ୍ଡକୁ ଉତ୍ତର ଫ୍ରାନ୍ସଠାରୁ ପୃଥକ୍ କରିଥାଏ। ଏହି ଇଂଲିଶ ଚ୍ୟାନେଲ୍‌କୁ ପାର ହେବା ବହୁତ କଷ୍ଟକର। ଯଦିଓ ଅନେକ ଲୋକ ପହଁରିକି ବି ଇଂଲିଶ୍ ଚ୍ୟାନେଲ ପାର ହୋଇଛନ୍ତି। ହେଲେ ପ୍ରଥମ ଥର ପାଇଁ ଜଣେ ୩୫ କି.ମି. ଲମ୍ବ ଇଂଲିଶ ଚ୍ୟାନେଲକୁ ଉଡ଼ି ଉଡ଼ି ପାର ହୋଇଛନ୍ତି। ଫ୍ରାନ୍ସ ଆବିଷ୍କାରକ ଜପାଟା ନିଜେ ତିଆରି କରିଥିବା ଜେଟ୍ ସଞ୍ଚାଳିତ ହୋଭରବୋର୍ଡ(ଫ୍ଲାଇବୋର୍ଡ)ରେ ଉଡି ଉଡି ଇଂଲିଶ ଚ୍ୟାନେଲ୍ ପାର୍ ହେବାରେ ସଫଳ ହୋଇଛନ୍ତି। ଫଳରେ ହୋଭରବୋର୍ଡ ସାହାଯ୍ୟରେ ଏଭଳି କାର୍‌ନାମା କରିଥିବା ପୃଥିବୀର ସେ ପ୍ରଥମ ଆବିଷ୍କାରକ ପାଲଟିଗଲେ। ୪୦ ବର୍ଷୀୟ ଫ୍ରାଙ୍କି ଜପାଟା ଫ୍ରାନ୍ସର ସଙ୍ଗେଟ୍‌ରୁ ଉଡ଼ାଣ ଆରମ୍ଭ କରିଥିଲେ। ଇଂଲିଶ ଚ୍ୟାନେଲ୍ ପାର୍ ହୋଇ ଡୋଭର୍‌ର ସେଣ୍ଟ ମାର୍ଗାରେଟ୍ ବିଚ୍‌ରେ ଓହ୍ଲାଇଥିଲେ। ଉଡୁଥିବା ସମୟରେ ଘଣ୍ଟାକୁ ୧୭୦ କି.ମି. ବେଗ ପର୍ଯ୍ୟନ୍ତ ସେ ପହଞ୍ଚିଯାଇଥିଲେ। ଏହାପୂର୍ବରୁ ବି ସେ ଇଂଲିଶ ଚ୍ୟାନେଲ୍‌କୁ ଏହିଭଳି ଭାବେ ପାର କରିବାକୁ ପ୍ରୟାସ କରିଥିଲେ। ହେଲେ ଇନ୍ଧନ ଶେଷ ହେବା ଓ ତାକୁ ପୁନଃ ରିଫିଲ୍ କରିବାରେ ଅସୁବିଧା ସୃଷ୍ଟି ହେବା ଯୋଗୁ ସେ ସମୁଦ୍ରରେ ପଡିଯାଇଥିଲେ। କିନ୍ତୁ ଏଥର ସେ ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ ହୋଇ ତଥା ପୂର୍ବର ତ୍ରୁଟି ସୁଧାରି ଉଡ଼ିବା ଆରମ୍ଭ କରିଥିଲେ। ତାଙ୍କ ସୁରକ୍ଷା ପାଇଁ ଏକ ବଡ଼ଡଙ୍ଗା ସହ ତିନୋଟି ହେଲିକପ୍ଟର ବି ବ୍ୟବହାର କରାଯାଇଥିଲା।

## ୮୪ ସେକେଣ୍ଡର କାରନାମା

ପୃଥିବୀର ଅନେକ ଲୋକ ଅନେକ ପ୍ରକାର ରେକର୍ଡ କରୁଛନ୍ତି। ହେଲେ କିଛି ରେକର୍ଡ ସମ୍ପର୍କରେ ବହୁତ କମ୍ ଲୋକ ଜାଣନ୍ତି। ସେମିତି ଏକ ରେକର୍ଡ ହେଉଛି ୪ ବର୍ଷର କୁନି ଝିଅ ପି.ଭେୟାଶିନୀଙ୍କର। ଚେନ୍ନାଇରେ ରହୁଥିବା ଭେୟାଶିନୀ ଏସିଆର ସମସ୍ତ ୪୯ ଦେଶର ଜାତୀୟ ପତାକା ଚିହ୍ନିବା ସହ ସେମାନଙ୍କ ରାଜଧାନୀର ନାଁ ବି ଠିକ୍ ଭାବେ କହିଥିଲେ, ତାହା ପୁଣି ମାତ୍ର ୮୪ ସେକେଣ୍ଡରେ। ଫଳରେ ତାଙ୍କ ନାଁ ବିଶ୍ୱ ରେକର୍ଡରେ ସ୍ଥାନ ପାଇଲା। ଏହାପୂର୍ବରୁ ଆଉ ଜଣେ ୪ ବର୍ଷର ଝିଅ ଏହି ରେକର୍ଡ କରିଥିଲେ। ହେଲେ ସେ କେବଳ ପତାକା ଚିହ୍ନି ତା'ର ନାଁ କହିଥିଲେ। ହେଲେ ରାଜଧାନୀର ନାଁ କହି ନ ଥିଲେ। କିନ୍ତୁ ୟୁକେଜିରେ ପଢୁଥିବା ପ୍ରଚଣ୍ଡ ମେଧାଶକ୍ତି ସମ୍ପନ୍ନ କୁନି ଭେୟାଶିନୀ ପତାକା ସହ ରାଜଧାନୀର ନାଁ କହି ରେକର୍ଡ କରିବାରେ ସଫଳ ହେଲେ।



## କାର୍ଟୁନ କର୍ନର






ରାଇମୋହନ



ଗୋପୀନାଥ ବାରିକ

# ରିଟର୍ଣ୍ଣ ଅଫ୍ ରାଇମୋହନ

ଚଳଚ୍ଚିତ୍ର ତଥା ଯାତ୍ରା ଜଗତରେ ଏକ ଅତି ପରିଚିତ ନାଁ ରାଇମୋହନ। ସେ ଯେତେବେଳେ ଯାହା କରନ୍ତି ତାହା ହୁଏ ନିଆରା। ତାଙ୍କ ଅଭିନୟ ହେଉ କି ପିଚ୍‌ରେ ତାଙ୍କର ଡାଏଲଗ୍ ଉଚ୍ଚାରଣ – ସବୁଦୃଷ୍ଟିରୁ ଭିନ୍ନ ହେଉଛନ୍ତି ରାଇମୋହନ। ତାଙ୍କୁ ନେଇ ଏକ ବଡ଼ ଖବର ହେଉଛି, ଦୀର୍ଘଦିନ ପରେ ପୁଣିଥରେ ଯାତ୍ରାକୁ ଫେରିଛନ୍ତି ରାଇମୋହନ। ତେଣୁ ତାଙ୍କୁ ନେଇ ଏବେଠୁ ଆରମ୍ଭ ହୋଇଗଲାଣି ଚର୍ଚ୍ଚା। ଅସୁସ୍ଥତା ଯୋଗୁ ଦୀର୍ଘଦିନ ଧରି ସେ ଦୂରେଇ ରହିଥିଲେ ଯାତ୍ରାରୁ। ଏଥର 'ଯାତ୍ରା ନନ୍ଦନକାନନ ମଧୁବାସନ୍ତି ଗଣନାଟ୍ୟ'ରେ ଏକ ଜବରଦସ୍ତ ନାଟକର ନିର୍ଦ୍ଦେଶନା ଦେଇ ତଥା ଅଭିନୟ କରି ସେ ତାଙ୍କର ଯାତ୍ରା ଲେଉଟାଣି କରିଛନ୍ତି। ନାଟକର ଶୀର୍ଷକ ହେଉଛି 'ମୋଷ୍ଟ ୱାଣ୍ଟେଡ୍ ରାଇମୋହନ୍'। ଏହି ନାଟକଟିକୁ ରଚନା କରିଛନ୍ତି ଯାତ୍ରା ଜଗତର ଜଣେ ଆଗଧାଡ଼ିର ନାଟ୍ୟକାର ଗୋପୀନାଥ ବାରିକ। ନବାଗତ ଶାରଦା ପଣ୍ଡା ତାଙ୍କୁ ନାଟ୍ୟ ରଚନାରେ ସହାୟତା କରିଛନ୍ତି। ଏହି ନାଟକଟି ସମ୍ପର୍କରେ ନାଟ୍ୟକାର ଗୋପୀନାଥ ବାରିକ କହନ୍ତି : ନାଟକଟିକୁ ସମ୍ପୂର୍ଣ୍ଣ ପରୀକ୍ଷାମୂଳକ କରାଯାଇଛି। ଆଗରୁ ରାଇମୋହନ୍‌ଙ୍କୁ ଜଣେ ବ୍ୟାଡମ୍ୟାନ୍ ଭାବରେ ଦର୍ଶକ ଦେଖିଥିଲେ। ମାତ୍ର ଏଥିରେ ରହିଛି ତାଙ୍କର ଅଲରାଉଣ୍ଡର ଭୂମିକା। କେତେବେଳେ ସେ କନ୍ଦାଉଛନ୍ତି ତ କେତେବେଳେ ନିଜେ କାନ୍ଦୁଛନ୍ତି। ନାଟକରେ ସେ ଜଣେ ଭଲଭାଇ, ଭଲ ପୁଅ, ଭଲ ବନ୍ଧୁ। ସାବତ ପୁଅ ହୋଇ ବି ଜଣେ ମା'କୁ କେତେ ଉପରେ ରଖିପାରେ ତାହା ଏହି ନାଟକରେ ଦେଖିବାକୁ ପାଇବେ ଦର୍ଶକ। ନାଟକଟି ଯେତିକି ଇମୋସନାଲ ସେତିକି ସାଇକୋଲୋଜିକାଲ। ନାଟକରେ ରାଇମୋହନ ଯେତେବେଳେ ଇମୋସନାଲ ହେଉଛନ୍ତି ସେତେବେଳେ ତାଙ୍କର ମୁଣ୍ଡ ବିଗିଡ଼ି ଯାଉଛି। ସେ ମର୍ଡ଼ର କରୁଛନ୍ତି। ସେଥିଲାଗି ସେ ବାରମ୍ବାର କହୁଛନ୍ତି – 'ନା ମୁଁ କମନ୍‌ମ୍ୟାନ୍ ନା ମୁଁ ଜେଣ୍ଟଲମ୍ୟାନ୍। ନା ମୁଁ ହିରୋ ନା ମୁଁ ଭିଲେନ୍। ମୁଁ ମୋଷ୍ଟ ୱାଣ୍ଟେଡ୍ ରାଇମୋହନ୍।' ନାଟକରେ ପାଞ୍ଚଟି ମର୍ଡ଼ର କରିଛନ୍ତି ରାଇମୋହନ। ତାହା ପୁଣି ରହିଛି ଭିନ୍ନ ଭିନ୍ନ ତରିକାରେ। ଯେମିତି ଗୋଟିଏ ମର୍ଡ଼ର ସେ କରୁଛନ୍ତି ଏୟାରପୋର୍ଟରେ। କମଳକୁ ଗୁଡ଼େଇ ଗୁଡ଼େଇ ସେ ହତ୍ୟା କରୁଛନ୍ତି। ରାଇମୋହନ ଏହି ନାଟକରେ କେବଳ ଅଭିନୟ କରି ନାହାନ୍ତି; ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥିରେ ରାଇମୋହନ ନିଜକୁ ନେଇ ଏକ୍ସପେରିମେଣ୍ଟ କରିଛନ୍ତି। ହୁଏତ କେହି ରାଇଙ୍କୁ ନାଚିବା ଦେଖି ନ ଥିବେ। ମାତ୍ର ନାଟ୍ୟକାର ଗୋପୀନାଥ ବାରିକ ଏକ ଭାଇଭଉଣୀ ଗୀତରେ ରାଇଙ୍କୁ ନିଜର ସାନ ଭାଇଭଉଣୀଙ୍କ ସହିତ ଧୂମ ନଚେଇଛନ୍ତି। ମୋଟାମୋଟି ଭାବରେ ରାଇଙ୍କ ଲେଉଟାଣି ଦମଦାର ହୋଇଛି। ନିଜେ ରାଇମୋହନ ସ୍ୱୀକାର କରିଛନ୍ତି ଯେ, ସେ ଅନେକ ଫିଲ୍ମ ଓ ଯାତ୍ରାରେ ଅନେକ କିସମର ଭୂମିକା ନିର୍ବାହ କରିଛନ୍ତି। ହେଲେ ଏ ନାଟକରେ ତାଙ୍କୁ ମିଳିଛି ତାଙ୍କ ଲାଇଫ୍‌ର ବେଷ୍ଟ ଭୂମିକା। ନାଟକଟି ଇତିମଧ୍ୟରେ ଦର୍ଶକ ଦରବାରକୁ ଆସିଗଲାଣି ତଥା ଦର୍ଶକଙ୍କୁ ନିଜର ରଙ୍ଗରେ ମତୁଆଲା କରିବା ଆରମ୍ଭ କଲାଣି।

# ଏକ ରୁଗ୍‌ଣ ସମାଜର ପ୍ରତିନିଧି ଶେଖର



ଦୀପକ କୁମାର ମହାନ୍ତି

ଶେଖର ଜଣେ ସଂଘର୍ଷ କରୁଥିବା ଯୁବକ। ସେ ଏକ ରୁଗ୍‌ଣ ସମାଜର ପ୍ରତିନିଧି। ସେ ସଂଗ୍ରାମ କରୁଛି ଦାରିଦ୍ର୍ୟ ବିରୋଧରେ। ନିଜେ ବଞ୍ଚିବ। ଗୋଟିଏ ବୋଲି ଭଉଣୀକୁ ବଞ୍ଚେଇବ। ଚାକିରି ମିଳୁନି। ରୋଜଗାର ନାହିଁ। ନିଜର ବୟସ ଗଡ଼ି ଯାଉଛି। ସାନଭଉଣୀର ବୟସ ବଢ଼ି ଯାଉଛି। ଦାରିଦ୍ର୍ୟ ସିନା ତାକୁ ଡହଳ ବିକଳ କରି ମାରୁଛି। ହେଲେ ତା' ମନୋବଳକୁ ହ୍ରାସ କରିପାରୁନି। ତା' ଭିତରେ ଥିବା ସ୍ୱପ୍ନକୁ ଦୁର୍ବଳ କରିପାରୁନି। ଭଉଣୀ ସହିତ ମିଶି ସେ ଜୀବନ ବଞ୍ଚିବାର ସ୍ୱପ୍ନ ଦେଖୁଛି। ତେବେ ସତରେ କ'ଣ ଶେଖରର ସ୍ୱପ୍ନ ପୂରଣ ହେଉଛି। ଏ ପୃଥିବୀରେ କ'ଣ ଏବେ ବି ଏକ ସମାନ୍ତରାଳ ସମାଜର ପ୍ରତିଷ୍ଠା ହୋଇ ପାରିଛି? ଶେଖର ଭଳି ଅହରହ ସଂଘର୍ଷ କରୁଥିବା ଶିକ୍ଷିତ ଉଦ୍ୟମୀ ଯୁବକମାନଙ୍କୁ ନ୍ୟାୟ ମିଳୁଛି? ଏମିତି ଅନେକ ପ୍ରଶ୍ନର ସମାହାରରେ ସୃଷ୍ଟି ହୋଇଛି ଚରିତ୍ର ଶେଖର; ଯେଉଁ ଚରିତ୍ରଟିକୁ ନିର୍ବାହ କରିଛନ୍ତି ଓଡ଼ିଶାର ଜଣେ ସ୍ୱନାମଧନ୍ୟ ଅଭିନେତା ଦୀପକ କୁମାର ମହାନ୍ତି ଓରଫ୍ ଦୀପୁ। ଏହି ନାଟକଟି ତାଙ୍କୁ ମିଳିଛି 'ରଙ୍ଗମହଲ' ପ୍ରଯୋଜିତ ମହେଶ ହାଜରାଙ୍କ 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି' ନାଟକରେ। ଭଦ୍ରକର ଦାମୋଦରପୁରରେ ଜନ୍ମଗ୍ରହଣ କରିଥିବା ଦୀପୁ ପୂର୍ବରୁ ସାତଶଙ୍ଖ, ଧଉଳି, ସଚ୍ଚିଦାନନ୍ଦମ୍ ଆଦି ଗଣନାଟ୍ୟରେ ଅଭିନୟର ଯାଦୁ ଦେଖେଇ ଏବେ ଆସି ପହଞ୍ଚିଛନ୍ତି ସତ୍ୟଜେନାଙ୍କ 'ରଙ୍ଗମହଲ'ରେ। ପୂର୍ବରୁ ସେ ଅଭିନୟ କରିଥିବା ସଫଳ ନାଟକଗୁଡ଼ିକ ମଧ୍ୟରେ ରହିଛି ଏ ଗଉରା କାଇଁ କାନ୍ଦୁଛୁ, କହଇ ମନ ଆରେ ମୋ ବୋଲ କର, କନିଆ ସାଜିଛି କଣ୍ଢେଇ ରାଣୀ ଏବଂ ଆହୁରି ଅନେକ।

# ଜେଲରୁ ଖସିବା ପାଇଁ...

ଜେଲରୁ ବାହାରି ଯିବା ପାଇଁ ଜଣେ ବାପ ତା' ଝିଅକୁ ବ୍ୟବହାର କରିପାରେ! କଥାଟି ଶୁଣିବାକୁ କେମିତି ଟିକେ ଅଡୁଆ ମନେ ହେଉଛି। ଜଣେ ବାପ ହୋଇ କେମିତି ଏପରି ଏକ କାମ କରିପାରିବ? ମାତ୍ର କଥାଟି ଶହେରୁ ଶହେ ପ୍ରତିଶତ ସତ। ଘଟଣାଟି ଘଟିଛି ବ୍ରାଜିଲ୍‌ରେ। ଆଉ ଏହି ବାପ ଜଣକ ହେଉଛନ୍ତି ଜଣେ ବେଆଇନ୍ ଡ୍ରଗ୍ ବ୍ୟବସାୟୀ। ନାଁ ତାଙ୍କର ହେଉଛି କ୍ଲାଉବିନ୍ ଦା' ସିଲଭା। କ୍ଲାଉବିନ୍‌ଙ୍କୁ





ରିଓ ଡି ଜାନେଇରୋର ଏକ ଜେଲ୍‌ରେ ରଖାଯାଇଥିଲା। ତାଙ୍କର ଅପରାଧ ଏଭଳି ଥିଲା ଯେ, ସେଠାକାର ବିଚାରାଳୟ ତାଙ୍କୁ ୭୩ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ତେବେ କ୍ଲାଉବିନ ଜେଲ୍‌ରେ ରହିବାକୁ ଚାହୁଁ ନଥିଲେ। ପୁଣି ମୁକୁଳିବାର ତ ବାଟ ନଥିଲା। ସେ ଗୋଟେ କଥା ଚିନ୍ତାକଲେ। ତାଙ୍କର ଗୋଟିଏ ୧୯ବର୍ଷ ବୟସର ଝିଅ ଥିଲା। ଝିଅ ବାପାଙ୍କୁ ଭେଟିବା ପାଇଁ ସବୁବେଳେ ଜେଲ୍‌କୁ ଆସୁଥିଲା। ସେହି ଝିଅକୁ ନେଇ କ୍ଲାଉବିନ୍ ଦା' ସିଲ୍‌ଭା ବାହାରକୁ ଯିବାର ଯୋଜନା ବନେଇଲେ। ସେ ଝିଅକୁ କହିଲେ ଯେ, ଠିକ୍ ତା'ରି ପ୍ରତିକୃତିର ଏକ ମାସ୍କ ତିଆରି କରି ଆଣିବ। ସେ ଯେଉଁ ସବୁ ଡ୍ରେସ୍ ପିନ୍ଧୁଛି ସେଥିରୁ ଗୋଟିଏ ଲେଖାଏଁ ତାଙ୍କୁ ଦେଇଯିବ। ଝିଅ ସେଇଆ କଲା। କ୍ଲାଉବିନ୍ ଦା' ସିଲଭା ମାସ୍କ ଲଗେଇ ଡ୍ରେସ୍ ପିନ୍ଧିଦେଲେ ତ ନିଜ ଝିଅ ଭଳି ଲାଗିଲେ। ଏହାପରେ ସେ ଝିଅକୁ ନିଜର ଡ୍ରେସ୍ ପିନ୍ଧେଇ ଜେଲ୍ ଭିତରେ ବସେଇଦେଲେ। ଆଉ ନିଜେ ବାହାରକୁ ଚାଲି ଆସିବାର ଯୋଜନା କଲେ। ହେଲେ ବାଟରେ ଯେତେବେଳେ ତାଙ୍କୁ ଚେକ୍ କରାଗଲା ସେ ଧରାପଡ଼ିଲେ ଓ ପୁଣିଥରେ ଜେଲ୍‌କୁ ଘୋସରା ହୋଇଗଲେ।

ବ୍ୟାକ୍ ପେଜ୍

# ମହିଳାଙ୍କ ହର୍ସ ରେସ୍





ହର୍ସ ରେସ୍ ବା ଘୋଡା ଦୌଡ ସର୍ବଦା ଏକ ପୁରୁଷ ପ୍ରଧାନ ଖେଳ ଭାବେ ପରିଚିତ ହୋଇଆସିଛି। ହେଲେ ୨୦୧୨ ବ୍ରିଟେନ୍‌ରେ ଆରମ୍ଭ ହୋଇଥିଲା ମହିଳାଙ୍କ ଘୋଡାଦୌଡ ପ୍ରତିଯୋଗିତା, ମଙ୍ଗୋଲିଆ କପ୍। ସେତେବେଳେ ଏହାକୁ ଦେଖିବାପାଇଁ ବହୁ କଷ୍ଟରେ ୧୦ ହଜାର ଲୋକ ଆସିଥିଲେ। ସେବେଠାରୁ ଏହା ପ୍ରତିବର୍ଷ ଅଗଷ୍ଟ ୧ ତାରିଖରେ ଆୟୋଜିତ ହେଉଛି। ଚଳିତ ବର୍ଷ ଏହାର ସପ୍ତମ ସଂସ୍କରଣ ଥିଲା। ଆଉ ଦର୍ଶକଙ୍କ ସଂଖ୍ୟା ବଢି ୩୦ ହଜାର ହୋଇଯାଇଥିଲେ। ଏଥିରୁ ଜଣାଯାଏ ଏହାର ଲୋକପ୍ରିୟତା ବଢିବାକୁ ଲାଗିଛି। ବର୍ତ୍ତମାନ ଏହି କାର୍ଯ୍ୟକ୍ରମକୁ ବ୍ରିଟେନ୍‌ର 'ଲେଡିଜ୍ ଡେ' ଇଭେଣ୍ଟ ଭାବେ ନାମିତ ବି କରାଯାଇଛି। ଉକ୍ତ ରେସ୍‌ରେ ୧୧ଜଣ ମହିଳା ଅଂଶଗ୍ରହଣ କରନ୍ତି। ତା' ମଧ୍ୟରେ କେହିବି ପେସାଗତ ଜକି ନ ଥାଆନ୍ତି। ମହିଳାଙ୍କ ମଧ୍ୟରେ କିଏ ଟିଭି ଆଙ୍କର ତ କିଏ ପତ୍ରକାର, ଆଉ କିଏ ଇଞ୍ଜିନିୟରିଂ ଛାତ୍ରୀ ବି ଥାଆନ୍ତି। ସମସ୍ତେ ସଉକଭାବେ ହର୍ସ ରାଇଡିଂ କରନ୍ତି। ଉକ୍ତ ରେସ୍‌ରେ, ଯାହା ଧନରାଶି ଜମା କରାଯାଏ ଦୁନିଆସାରାର ମହିଳାଙ୍କ ଉପକାର ପାଇଁ ଦାନ କରିଦିଆଯାଏ। ଏଥର ଏହି ରେସ୍‌ରେ ପ୍ରଥମକରି ଜଣେ ୧୮ ବର୍ଷୀୟା ମୁସଲିମ୍ ଯୁବତୀ ହିଜାବ ପିନ୍ଧି ରେସ୍‌ରେ ଅଂଶ ଗ୍ରହଣ କରିଥିଲେ। ଆଉ ସେ ବିଜୟିନୀ ବି ହୋଇଛନ୍ତି।

# ହାଇଟେକ୍ ଭିକାରି

ଚାଇନାର ସବୁ ଜିନିଷ ଯେମିତି ହାଇଟେକ୍, ଏଠାକାର ଭିକାରି ବି ସେମିତି ହାଇଟେକ୍। ଏମାନଙ୍କ ଭିକ ମାଗିବା ଅନ୍ଦାଜ ହିଁ କିଛି ଭିନ୍ନ। ସେମାନେ ଏବେ ଭିକ ମାଗୁଛନ୍ତି କ୍ୟୁଆର୍ କୋଡ୍ ମାଧ୍ୟମରେ। କଥାଟି ଅଜବ ଲାଗୁଥିବ। ହେଲେ ଏହା ସତ। ଚାଇନାର ଏକ କମ୍ପାନୀ ଭିକାରିଙ୍କୁ କ୍ୟୁଆର୍ କୋଡ୍ ଉପଲବ୍ଧ କରାଇଛନ୍ତି। ଯାହା ମାଧ୍ୟମରେ ଭିକାରିମାନେ ଇ-ୱାଲେଟ୍ ବ୍ୟବହାର କରି ଲୋକଙ୍କଠାରୁ ଭିକ ମାଗିପାରିବେ। ଏହି ଭିକାରିଙ୍କୁ ଲୋକ ଭିକଦେବା ପାଇଁ କ୍ୟୁଆର୍ କୋଡ ସ୍କାନ କରିବାକୁ ହେବ। ଏହାଦ୍ୱାରା ଭିକ ଦେଉଥିବା ବ୍ୟକ୍ତିଙ୍କ ବିବରଣୀ କମ୍ପାନୀ ନିକଟକୁ ଚାଲିଯାଏ। ଏହା ବଦଳରେ କମ୍ପାନୀ ଭିକାରିଙ୍କୁ ନିଜ ତରଫରୁ ଟଙ୍କା ଦେଇଥାଏ, ଯାହା ସିଧା ତାଙ୍କ ଇ-ୱାଲେଟ୍‌କୁ ଚାଲିଯାଏ। କ୍ୟୁଆର୍ କୋଡ୍ ଜାରି କରିଥିବା କମ୍ପାନୀ ମଧ୍ୟରେ ଅଲିବାବା କା ଅଲି ପେ ଓ ୱି ଚାଟ୍ ଭଳି ଇ-ୱାଲେଟ୍ ସାମିଲ ଅଛି। ପର୍ଯ୍ୟଟନସ୍ଥଳ ବ୍ୟତୀତ ରେଷ୍ଟୁରାଣ୍ଟ ଆଖପାଖରେ ଏହି ଭିକାରି ଦେଖିବାକୁ ମିଳୁଛନ୍ତି, ଯେଉମାନଙ୍କ ପାଖରେ କ୍ୟୁଆର୍ କୋଡ୍ ଓ ଡିଜିଟାଲ ପେମେଣ୍ଟ ସିଷ୍ଟମ୍ ଅଛି। ଯେଉଁମାନେ ଆଗରୁ ଖୁଚୁରା ପଇସା ନ ଥିବା କହି ଖସି ଚାଲିଯାଉଥିଲେ। ଏବେ ଏହି ପଦ୍ଧତି ଦ୍ୱାରା ସ୍କାନ କରି ଖୁଚୁରା ପଇସା ଭିକାରିଙ୍କୁ ଅନ୍ ଦି ସ୍ପଟ୍ ଦେଉଛନ୍ତି।



# ୧୨ ଘଣ୍ଟାରେ ୩୫୦ ମିଲିୟନ ବୃକ୍ଷରୋପଣ

ଜଙ୍ଗଲ ଅବକ୍ଷୟ ଯୋଗୁ ବିଗୁଡୁଛି ପରିବେଶ ସନ୍ତୁଳନ। ଏହାକୁ ଠିକ୍ ସମୟରେ ରୋକା ନ ଗଲେ ସମସ୍ତଙ୍କ ଜୀବନ ହୋଇଯିବ ଦୁର୍ବିଷହ। ଏକଥାର ମର୍ମ ଭଲଭାବେ ବୁଝିପାରିଛନ୍ତି ଇଥିଓପିଆର ସରକାର ଓ ଜନତା। କାରଣ ଏଠାକାର ଜଙ୍ଗଲ ଅବକ୍ଷୟ ଘଟି ମାତ୍ର୪% ରହିଥିଲା। ସେଇଥିପାଇଁ ଯେବେ ଏଠାକାର ପ୍ରଧାନମନ୍ତ୍ରୀ ଅବି ଅହମ୍ମଦ ବୃକ୍ଷରୋପଣ କଥା ଚିନ୍ତା କଲେ ସାରା ଇଥିଓପିଆବାସୀ ଆଗେଇ ଆସିଲେ ତାଙ୍କ ସହ ହାତ ମିଳାଇବାକୁ। ଆଉ ଇଥିଓପିଆବାସୀ ୧୦୦୦ଟି ଭିନ୍ନ ଭିନ୍ନ ସ୍ଥାନରେ ଏକତ୍ରିତ ହୋଇ ଏକସମୟରେ ବୃକ୍ଷରୋପଣ ଆରମ୍ଭ କଲେ। ଲକ୍ଷ୍ୟ ଥିଲା ୧୨ ଘଣ୍ଟାରେ ୨୦୦ମିଲିୟନ ଚାରା ଲଗାଇବା। ହେଲେ ସମୟ ସରିବା ବେଳକୁ ସରକାରୀ ଅଧିକାରୀମାନେ ପ୍ରକାଶ କଲେ ଯେ, ରେକର୍ଡ ସ୍ତରର ୩୫୦ ମିଲିୟନରୁ ଊର୍ଦ୍ଧ୍ୱ (୩୫୩,୬୩୩,୬୬୦) ଚାରାରୋପଣ ହୋଇଛି। ଖାସ୍ ବୃକ୍ଷରୋପଣ ପାଇଁ ଅନେକ ସ୍କୁଲ, ସରକାରୀ କାର୍ଯ୍ୟାଳୟ ବନ୍ଦ ହୋଇଥିଲା। ଯେମିତିକି ଅଧିକରୁ ଅଧିକ ଲୋକ ଏଥିରେ ଯୋଗ ଦେଇପାରିବେ। ପ୍ରଧାନମନ୍ତ୍ରୀ ଅବି ଅହମ୍ମଦ ଆହୁରି ମଧ୍ୟ ଲକ୍ଷ୍ୟ ରଖିଛନ୍ତି ଆଗାମୀ ଦିନରେ ୪ ବିଲିୟନ ବୃକ୍ଷରୋପଣ କରାଯିବ।



